## ସିଟି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅଜବ ନିୟମ

# ସାଢେ ୧୧ଟାରୁ ଓପିଡ଼ି ଟିକଟ ବନ୍ଦ; ତେଜୁଛି ଅସନ୍ତୋଷ

ବ୍ରହ୍ମପୁର, ୮।୮ (ସମିସ)

ହସ୍ପିଟାଲକୁ ଆସୁଥିବା ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟର ସମସ୍ତ ଡାକ୍ତରଖାନା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ଓପିଡ଼ି ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି। ଏହି ନିୟମ ଆଧାରରେ ଡାକ୍ତରଖାନା ଗୁଡ଼ିକରେ ରୋଗୀଙ୍କୁ ଚିକିତ୍ସା ସେବା ଉପଲବ୍ଧ ହେବାକଥା। ତେବେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅଜବ ନିୟମ ରୋଗୀଙ୍କ ଚିନ୍ତାର କାରଣ ହୋଇଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ଓପିଡି ଟିକେଟ କାଉଣ୍ଟର ବନ୍ଦ ହେଉଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଥି ସହିତ ସିଟି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ଅଜବ ନିୟମକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧୁଥିବା ଦେଖିବାକୁ ମିଳିଛି। ସହର ମଧ୍ୟରେ ଥିବା ସିଟି ହସ୍ପିଟାଲ ଉପରେ ବ୍ରହ୍ମପୁର ସମେତ ଆଖପାଖ ଅଞ୍ଚଳର ବହୁ ରୋଗୀ ନିର୍ଭର କରିଥାନ୍ତି। କହିବାକୁ ଗଲେ ସହର ଠାରୁ ପ୍ରାୟ ୩୫ରୁ ୪୦କିଲୋ ମିଟର ପରିସୀମା ମଧ୍ୟର ରୋଗୀ ଏହି ହସ୍ପିଟାଲ ଉପରେ ନିର୍ଭରଶୀଳ। ହସ୍ପିଟାଲରେ ୧୬ରୁ ଅଧିକ ବିଭାଗ ରହିଥିବା ବେଳେ ପ୍ରତିଦିନ ସହସ୍ରାଧିକ ରୋଗୀ ବିଭିନ୍ନ ବିଭାଗକୁ ଚିକିତ୍ସା ପାଇଁ ଆସିଥାନ୍ତି। ଏପ୍ରିଲରୁ ସେପ୍ଟେମ୍ବର ସକାଳ ୮ଟାରୁ ଅପରାହ୍ନ ୧୨ଟା ଏବଂ ଅପରାହ୍ନ ୪ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ରୋଗୀଙ୍କ ପାଇଁ ଓପିଡି ସମୟ ଧାର୍ଯ୍ୟ କରାଯାଇଛି। ସେହିପରି ଅକ୍ଟୋବର ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ପୂର୍ବାହ୍ନରେ ଓପିଡ଼ି ସମୟ ସମାନ ଥିବାବେଳେ ଅପରାହ୍ନରେ ୩ଟା ଠାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଓପିଡ଼ି ଖୋଲା ରହିବା ନିୟମ ରହିଛି। ଏହି ସମୟ ମଧ୍ୟରେ ମେଡ଼ିକାଲର ବିଭିନ୍ନ ବିଭାଗକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀମାନେ ଡାକ୍ତରଙ୍କୁ ପରାମର୍ଶ କରିବା ପୂର୍ବରୁ ହସ୍ପିଟାଲ ପରିସରରେ ଥିବା ପଞ୍ଜିକରଣ କେନ୍ଦ୍ରରୁ ସେମାନେ ନିଜର ତଥ୍ୟ ପ୍ରଦାନ କରି ଓପିଡ଼ି ଟିକେଟ ସଂଗ୍ରହ କରିବା ବ୍ୟବସ୍ଥା ରହିଛି। କିନ୍ତୁ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଅପରାହ୍ନ ୧୨ଟା ନୁହେଁ ୩୦ମିନିଟ ପୂର୍ବରୁ ଅର୍ଥାତ୍ ୧୧.୩୦ମିନିଟରୁ ପଞ୍ଜିକରଣ କେନ୍ଦ୍ରରେ ନିୟୋଜିତ କର୍ମଚାରୀମାନେ ରୋଗୀଙ୍କୁ ଓପିଡ଼ି ଟିକେଟ ଦେଉନଥିବା ଅଭିଯୋଗ ହୋଇଛି। ଫଳରେ ରୋଗୀମାନେ ବାଧ୍ୟ ହୋଇ ହସ୍ପିଟାଲର ଜେନେରାଲ ଓପିଡ଼ିରେ ଥିବା ଡାକ୍ତରଙ୍କ ନିକଟରେ ଚିକିତ୍ସା ପରାମର୍ଶ ନେବାକୁ ବାଧ୍ୟ ହେଉଛନ୍ତି। ଏହାର ସୁଯୋଗ ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ବହୁ ଡାକ୍ତର ଓପିଡ଼ି ଛାଡ଼ି ପଳାଉଥିବା ନଜିର ରହିଛି। ଏନେଇ ହସ୍ପିଟାଲ କର୍ତ୍ତୃପକ୍ଷ ଡ଼ା. ବିଶ୍ୱମ୍ବର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଓପିଡ଼ି ଟିକେଟ ରୋଗୀଙ୍କୁ ପ୍ରଦାନ କରାଗଲେ ଓପିଡ଼ିରେ ରୋଗୀଙ୍କ ଭିଡ଼ ଜମୁଛି। ଯଦ୍ୱାରା ନିର୍ଦ୍ଧାରିତ ସମୟରେ ଅର୍ଥାତ୍ ୧୨ଟା ସମୟରେ ଓପିଡି ବନ୍ଦ କରିବାରେ ସମସ୍ୟା ହେଉଥିବା ସେ କହିଛନ୍ତି। ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।




## ଗୋଲାପଡ଼ା ଜଙ୍ଗଲରେ ବାଘ ଆତଙ୍କ



ଭଞ୍ଜନଗର, ୮।୮ (ସମିସ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ଗୋଲାପଡ଼ା ଜଙ୍ଗଲରେ ଗୁରୁବାର ରାତିରେ ହେଟା ବାଘ ଆକ୍ରମଣରେ ବାଛୁରୀ ଗୁରୁତର ଆହତ ହୋଇଛି। ସେହିଭଳି ମୁଜାଗଡ଼ ରେଞ୍ଜ ଦୁର୍ଗାପ୍ରସାଦ ଠାରେ କଲରାପତରିଆ ବାଘ ଆକ୍ରମଣରେ ଆଉ ଗୋଟିଏ ବାଛୁରୀ ଆହତ ହୋଇଛି। ଉଭୟ ଘଟଣା ଶୁକ୍ରବାର ଦିନ ଘଟିଛି। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ପ୍ରାଣୀ ବିଶେଷଜ୍ଞଙ୍କୁ ଡାକି ଉଭୟ ଆହତ ବାଛୁରୀଙ୍କ ଚିକିତ୍ସା କରାଯାଇଛି। ଗ୍ରାମବାସୀ ଏହା କଲରାପତରିଆ ବାଘର କାଣ୍ଡ ହୋଇଥିବା କହୁଛନ୍ତି। କିନ୍ତୁ ଡିଏଫଓ ହିମାଂଶୁ ଶେଖର ମହାନ୍ତି କହିଛନ୍ତି, ଗୋଲାପଡ଼ା ଘଟଣାରେ ହେଟା ବାଘ ଜଡ଼ିତ ଥିବା ଆଶଙ୍କା କରାଯାଉଛି। ଦୁର୍ଗାପ୍ରସାଦ ଘଟଣାର ତଦନ୍ତ ଚାଲିଛି। ବିଭାଗୀୟ କର୍ମଚାରୀମାନଙ୍କୁ ଘଟଣା ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ସ୍ତ୍ରୀକୁ ହତ୍ୟା ଉଦ୍ୟମ; ସ୍ୱାମୀ ଗିରଫ

ହୁମ୍ମା, ୮।୮ (ସମିସ): ହୁମ୍ମା ଫାଣ୍ଡି ଅନ୍ତର୍ଗତ ନୀଳାଦ୍ରିପୁର ଗ୍ରାମର ଏକ ମହିଳା ତାଙ୍କ ସ୍ୱାମୀ ତାଙ୍କୁ ମାନସିକ ନିର୍ଯାତନା ଓ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ହେଲେ ଲକ୍ଷ୍ମୀ ସ୍ୱାଇଁ। ଅଭିଯୋଗ ପରେ ପୁଲିସ ଲକ୍ଷ୍ମୀଙ୍କ ଲକ୍ଷ୍ମୀଙ୍କ ସ୍ୱାମୀ ବିଶ୍ୱନାଥ ସ୍ୱାଇଁଙ୍କୁ ଗିରଫ କରିଛି। ଗତ କିଛି ମାସ ହେବ ବିଶ୍ୱନାଥ ପ୍ରତ୍ୟେକ ଦିନ ମଦ୍ୟପାନ କରି ସ୍ତ୍ରୀ ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଇ ଆସୁଥିଲା। ଲକ୍ଷ୍ମୀଙ୍କ ଦୁଇ ଝିଅ ଗୋଟିଏ ପୁଅ ଅଛି। ପିଲାର ପାଠ ପଢ଼ା ଓ ପରିବାର ଭରଣପୋଷଣକୁ ନେଇ ପ୍ରତିବାଦ କରିଥିଲେ। ଅତ୍ୟଧିକ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ମାଡ଼ ମାରି ହତ୍ୟା ଉଦ୍ୟମ କରିଥିବା ନେଇ ଅଭିଯୋଗ କରିଥିଲେ ଲକ୍ଷ୍ମୀ। ମହିଳା ଜଣଙ୍କ ଅସହ୍ୟ ହୋଇ ହୁମ୍ମା ଫାଣ୍ଡ ସୁବ୍ରଜିତ ସାମନ୍ତରାୟଙ୍କୁ ଅଭିଯୋଗ କରିଥିଲେ। ପୁଲିସ ଏକ ମାମାଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ମହୁମାଛି ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ଭଞ୍ଜନଗର, ୮।୮ (ସମିସ): ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଥାନା ଅନ୍ତର୍ଗତ ବେଲଗୁଣ୍ଠା ସହରର ଗୋପୀନାଥସାହିରେ ମହୁମାଛି ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ନିଜ ଘର ପାଖରେ ଥିବା ପିଜୁଳି ଗଛରୁ ପିଜୁଳି ତୋଳୁଥିବା ବେଳେ ହଠାତ୍ ବହୁ ସଂଖ୍ୟକ ମହୁମାଛି ବାହାରି ଆକ୍ରମଣ କରିଥିଲେ। ଫଳରେ ମହିଳା ଜଣକ ସେଠାରେ ହିଁ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ବେଲଗୁଣ୍ଠା ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଆଉ ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ମହିଳା ଜଣକ ଗୋପିନାଥସାହିର ଝୁନୁ ପାଳ ବୋଲି ଜଣା ପଡ଼ିଛି।

## ମା'ତାରିଣୀ ରାଇସ୍ ମିଲ୍‌ର ୨ ଗୋଦାମ୍ ସିଲ୍

ଛତ୍ରପୁର, ୮।୮ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମର ମା' ତାରିଣୀ ରାଇସ୍ ମିଲ୍‌ରେ ଯୋଗାଣ ବିଭାଗ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇଛି। ମିଲ୍‌ରେ ସରକାରଙ୍କ ଧାର୍ଯ୍ୟ ଧାନ ଓ ଚାଉଳ ଷ୍ଟକ୍ ନଥିବାରୁ ଗଞ୍ଜାମ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ପୁରୁଷୋତ୍ତମପୁର ତହସିଲଦାରଙ୍କ ଉପସ୍ଥିତିରେ ଯୋଗାଣ ବିଭାଗ ପକ୍ଷରୁ ରାଇସ୍ ମିଲ୍‌ର ୨ଟି ଗୋଦାମକୁ ସିଲ୍ କରିଥିବା ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ କହିଛନ୍ତି।

ବିବାଦରେ ଥିବା ମା' ତାରିଣୀ ରାଇସ୍ ମିଲ୍ ୨୦୨୪-୨୫ ଆର୍ଥିକ ବର୍ଷ ଖରିଫ୍ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସେହି ବାବଦରେ ସରକାରଙ୍କୁ ଚାଉଳ ପୈଠ କରିବାର ଧାର୍ଯ୍ୟ ରହିଥିଲା। ହେଲେ ଗତ ୨ ଦିନ ଧରି ଯୋଗାଣ ବିଭାଗ ପକ୍ଷରୁ ମା'ତାରିଣୀ ରାଇସ୍ ମିଲ୍‌ର ଥିବା ଗୋଦାମରେ ସେତିକି ପରିମାଣର ଧାନ ଓ ଚାଉଳ ଷ୍ଟକ୍ ନଥିବା ନେଇ ଯାଞ୍ଚରୁ ଜଣାପଡ଼ିଥିଲା। ଏହାକୁ ଆଧାର କରି ମା'ତାରିଣୀ ରାଇସ୍ ମିଲ୍‌ର ଦୁଇଗୋଟି ଗୋଦାମ୍‌କୁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ସିଲ କରାଯାଇଛି। ଏହାସହିତ ମା' ତାରିଣୀ ରାଇସ୍ ମିଲ୍ ଦୁଇ ଅଧିକାରୀଙ୍କ ଡିଜିଟାଲ୍ ଦସ୍ତଖତ ଜାଲିଆତି କରି ଚାଉଳ ପୈଠ ପାଇଁ ଡେଲିଭରି ସାର୍ଟିଫିକେଟ୍ ହାତେଇଥିବା ଘଟଣାର ମଧ୍ୟ ସାଇବର ଥାନା ପକ୍ଷରୁ ତଦନ୍ତ ଜାରି ରହିଛି।

■ ବରିଷ୍ଠ ଡାକ୍ତର ସ୍ତରରେ ଅଦଳ ବଦଳ

## ଏମ୍‌କେସିଜିରୁ ଗଲେ ୪ ଆସିଲେ ୩

ବ୍ରହ୍ମପୁର, ୮।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବରିଷ୍ଠ ଡାକ୍ତରଙ୍କ ସ୍ତରରେ ଅବଦଳ ବଦଳ କରାଯାଇଛି। ଏମକେସିଜି ମେଡିକାଲରେ କାର୍ଯ୍ୟରତ ୪ଜଣ ପ୍ରଫେସରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିପରି ୩ଜଣ ପ୍ରଫେସରଙ୍କୁ ଏମକେସିଜି ମେଡିକାଲରେ ଅବସ୍ଥାପିତ କରାଯାଇଛି। ବରିଷ୍ଠ ଡାକ୍ତରଙ୍କୁ ପଦୋନ୍ନତି ଓ ବିଭାଗୀୟ ଆବଶ୍ୟକତା ଦୃଷ୍ଟିରୁ ଏହି ଅଦଳବଦଳ କରାଯାଇଥିବା ଜଣାପଡ଼ିଛି। ଏମକେସିଜି ନେଫ୍ରୋଲୋଜି ବିଭାଗରେ କାର୍ଯ୍ୟରତ ପ୍ରଫେସର ବିବେକାନନ୍ଦ କରଙ୍କୁ କଟକ ଏସିବି ମେଡିକାଲକୁ ବଦଳି ହୋଇଥିବା ବେଳେ ସେଠାରେ ଉକ୍ତ ବିଭାଗରେ କାର୍ଯ୍ୟ କରୁଥିବା ପ୍ରଫେସର ସରତ କୁମାର ପରିଡ଼ାଙ୍କୁ ଏମକେସିଜି ମେଡ଼ିକାଲକୁ ବଦଳି ହୋଇଛି। ସେହିପରି ଏମକେସିଜି ମେଡ଼ିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗରେ କାର୍ଯ୍ୟରତ ଆସୋସିଏଟ ପ୍ରଫେସରଙ୍କୁ କଟକଟ ବଦଳି କରାଯାଇଥିବା ବେଳେ କଟକରେ ଇଏନଟି ବିଭାଗରେ କାର୍ଯ୍ୟରତ ପ୍ରଫେସର ଶୁଭଲକ୍ଷ୍ମୀ ରାଉରାୟଙ୍କୁ ଏମକେସିଜି ମେଡ଼ିକାଲକୁ ବଦଳି ହୋଇଥିବା ଜଣାପଡ଼ିଛି। ସେହିପରି ଏମକେସିଜି ମେଡ଼ିକାଲ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗର ପ୍ରଫେସର ଶରତଚନ୍ଦ୍ର ଜୟସିଂହଙ୍କୁ କଟକଟ ବଦଳି କରାଯାଇଛି। କିନ୍ତୁ ତାଙ୍କ ସ୍ଥାନରେ ଅନ୍ୟ କୌଣସି ପ୍ରଫେସରଙ୍କୁ ଏଠାକୁ ଆସିନଥିବା ଜଣାପଡ଼ିଛି। ସେହିପରି ନ୍ୟୁରୋ ସର୍ଜରୀ ବିଭାଗର ପ୍ରଫେସର ଅନୁପ କୁମାର ମହାପାତ୍ରଙ୍କୁ ଏମକେସିଜି ମେଡ଼ିକାଲରୁ କଟକ ବଦଳି ହୋଇଥିବା ବେଳେ କଟକରେ କାର୍ଯ୍ୟରତ ପ୍ରଫେସର ରବି ନାରାୟଣ ପଣ୍ଡାଙ୍କୁ ଏମକେସିଜି ମେଡ଼ିକାଲକୁ ବଦଳି ହୋଇଛି।

## ୨ ରାଉଣ୍ଡ ଗୁଳି ସହ ମାଉଜର୍ ଜବତ; ୨ ଗିରଫ

ଭଞ୍ଜନଗର, ୮।୮ (ସମିସ): ତାରାସିଂ ପୁଲିସ ଗତକାଲି ରାତିରେ ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାର ସୀମା ସ୍ଥିତ ରୁଢାପଦର ଘୋଗଡ଼ ଜଙ୍ଗଲ ନିକଟରେ ପାଟ୍ରୋଲିଂବେଳେ ଦୁଇଜଣ ଅପରାଧୀଙ୍କ ସହିତ ଗୋଟିଏ ପିସ୍ତଲ ଓ ଦୁଇଟି ଅଫୁଟ ଗୁଳି, ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଜବତ କରିଛି। ଅଭିଯୁକ୍ତମାନେ ହେଲେ ବିଭୁତି ଭୂଷଣ ରଥ ଓ ଅଜୁ ବିଷୋୟୀ। ବିଭୁତିଙ୍କ ଘର ତାରାସିଂ ଥାନା ଅନ୍ତର୍ଗତ ରୁଢାପଦାର ହୋଇଥିବା ବେଳେ ଅଜୁ ବିଷୋୟୀ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଅଞ୍ଚଳରର ପୋଇବାଡି ଗ୍ରାମର ବୋଲି ଜଣାପଡ଼ିଛି। ଅଭିଯୁକ୍ତ ମାନଙ୍କ ନାମରେ ଆଗରୁ ବିଭିନ୍ନ ଅପରାଧିକ ମାମଲା ରହିଛି। ଶୁକ୍ରବାର ଏ ସମ୍ପର୍କରେ ଏକ ପ୍ରେସ ମିଟ୍ କରି ତାରାସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ଉପସ୍ଥିତିରେ ଭଞ୍ଜନଗର ଏସଡିପିଓ ଡଃ ଦୀପକ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ୩ ଫେରାର ଅଭିଯୁକ୍ତ ଗିରଫ

ବୁଗୁଡା, ୮।୮ (ସମିସ): ବୁଗୁଡ଼ା ପୁଲିସ ୱାରେଣ୍ଟ ବଳରେ ୩ ଫେରାର ଆସାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ମତାଝରି ଗ୍ରାମର ଜଳନ୍ଧର ପ୍ରଧାନ, ଜଗତପାଟଣା ଗ୍ରାମର ବସନ୍ତ ବେହେରା ଓ ବୁଗୁଡ଼ାର ବିପ୍ର ନାଇକ। ଚୋରା ମଦ କାରବାରରେ ଜଳନ୍ଧରଙ୍କ ସମ୍ପୃକ୍ତ ଥିବାବେଳେ ଦୁର୍ଘଟଣାରେ ଜଡିତ ବସନ୍ତ ବେହେରାଙ୍କ ବିରୁଦ୍ଧରେ ଏକ ମାମଲା ଓ ଜୁଆ ଖେଳରେ ଲିପ୍ତ ଥିବା ବିପ୍ର ନାଇକଙ୍କ ବିରୋଧରେ ମାମଲା ରହିଥିଲା। ତେବେ ଦୀର୍ଘବର୍ଷ ଧରି ଫେରାରଥିବା ଉପରୋକ୍ତ ୩ ଆସାମୀଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

## ଅନ୍‌ଲାଇନ୍ ନିବେଶ ନାଁରେ ୩ଲକ୍ଷ ଠକେଇ

ବ୍ରହ୍ମପୁର, ୮।୮ (ସମିସ): ଅନ୍‌ଲାଇନ ନିବେଶ ଆଳରେ ଜଣେ ମହିଳାଙ୍କ ଠାରୁ ୩ଲକ୍ଷ ୬୧ହଜାର ଟଙ୍କା ଠକେଇ ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନା ପ୍ରକାରେ, ହଳଦିଆପଦର ବାପୁଜୀନଗର ୨ୟ ଲାଇନ ନିବାସୀ ୩୯ ବର୍ଷୀୟ ମହିଳାଙ୍କ ନିକଟକୁ କିଛିଦିନ ପୂର୍ବେ ଏକ ଅଜଣା ନମ୍ବରରୁ ମେସେଜ ଆସିଥିଲା। ଅନଲାଇନରେ ଟଙ୍କା ନିବେଶ କଲେ ମୋଟା ଅଙ୍କର କମିଶନ ମିଳିବ ବୋଲି ସେଥିଲେ ଉଲ୍ଲେଖ ରହିଥିଲା। ମହିଳା ଜଣକ ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରିବା ପରେ ଏକ ଅନଲାଇନ ଇନଭେଷ୍ଟମେଣ୍ଟ ଆପ୍ ଡାଉନଲୋଡ କରିବାକୁ କୁହାଯାଇଥିଲା। ଏହାପରେ ସମ୍ପୃକ୍ତ କମ୍ପାନୀର କର୍ମଚାରୀମାନେ ମହିଳାଙ୍କୁ ଫୋନ କରି ବିଭିନ୍ନ ସ୍କିମ ବିଷୟରେ କହିଥିଲେ। ଅନଲାଇନରେ ଇନଭେଷ୍ଟ କରି ଅନେକ ଲୋକ ଲକ୍ଷପତି ହୋଇଥିବା ଜଣାଇଥିଲେ। ସେହିକ୍ରମରେ ମହିଳା ଜଣକ ପ୍ରଥମେ କିଛି ଟଙ୍କା ନିବେଶ କରିଥିଲେ। ପ୍ରତିବଦଳରେ ତାଙ୍କୁ କିଛି କମିଶନ ମଧ୍ୟ ମିଳିଥିଲା। ଏହାପରେ ମହିଳାଙ୍କ ଲୋଭ ବଢ଼ି ଯାଇଥିଲା। ଫଳରେ ସେ ପର୍ଯ୍ୟାୟକ୍ରମେ ୩ଲକ୍ଷ ୬୧ହଜାର ଟଙ୍କା ନିବେଶ କରି ଦେଇଥିଲେ। ପରେ ଯେତେବେଳେ ସେ ନିଜ ମୂଳ ଓ ଲାଭ ଟଙ୍କା ଉଠାଇବାକୁ ଚାହିଁଲେ ତାହା ସମ୍ଭବପର ହୋଇନଥିଲା। କମ୍ପାନୀ କର୍ମଚାରୀଙ୍କୁ ବାରମ୍ବାର ଯୋଗାଯୋଗ ପରେ ମଧ୍ୟ କିଛି ସୁଫଳ ମିଳିନଥିଲା। ଏହାପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣି ଘଟଣା ସମ୍ପର୍କରେ ସାଇବ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାମଲାର ତଦନ୍ତ ଜାରି ରହିଥିବା ସାଇବର ଥାନା ଅଧିକାରୀ ଶଙ୍କର ପଣ୍ଡା କହିଛନ୍ତି।

## ଆକ୍ସନ ମୋଡ୍‌ରେ ଗଞ୍ଜାମ ପୁଲିସ

# ସପ୍ତାହକରେ ୩ଶହରୁ ଉର୍ଦ୍ଧ୍ୱ ୱାରେଣ୍ଟି ଗିରଫ

ଛତ୍ରପୁର, ୮।୮ (ସମିସ): ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ଏହାକୁ ପ୍ରତିହତ କରିବାକୁ ଯାଇ ଆକ୍ସନ ମୋଡରେ ଆସିଛି ଗଞ୍ଜାମ ପୁଲିସ। ଗଞ୍ଜାମ ପୁଲିସ ପକ୍ଷରୁ ଅପରାଧିଙ୍କୁ ସାବାଡ କରିବାକୁ ଯାଇ ଅପରେସନ 'ଖୋଜ' ଜରିଆରେ ବହୁ ଦୁର୍ଦ୍ଦାନ୍ତ ଅପରାଧିଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ଠାରୁ ବହୁ ମାରଣାସ୍ତ୍ର ମଧ୍ୟ ଜବତ ହୋଇଛି। ତଥାପି ନିୟମିତ ବ୍ୟବଧାନରେ ଅପରାଧିକ କାର୍ଯ୍ୟକଳାପ ଘଟାଇ ପୁଲିସକୁ ଖୋଲା ଚାଲେଞ୍ଜ ଦେଇଛନ୍ତି ଅପରାଧି। ଏଭଳି ସ୍ଥିତିର ମୁକାବିଲା କରିବାକୁ ଯାଇ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ପୁରୁଣା ଅପରାଧିଙ୍କୁ ଧରିବା ପାଇଁ ଜାରି ରହିଛି ଅଭିଯାନ। ଦିର୍ଘ ଦିନ ଧରି ପଡ଼ି ରହିଥିବା ଜାମୀନ ବିହୀନ ଗିରଫ ପରୱାନା ବା ଏନବିଡବ୍ଲ୍ୟୁକୁ କାର୍ଯ୍ୟକାରୀ କରାଯାଉଛି। ଏହି କ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ଥାନା ଇଲାକାରେ ସଫଳ ହୋଇଛି ଧରପଗଡ଼। ଗତ ଏକ ସପ୍ତହ ମଧ୍ୟରେ ଅର୍ଥାତ୍ ଅଗଷ୍ଟ ପହିଲାରୁ ୭ତାରିଖ ମଧ୍ୟରେ ଜିଲ୍ଲାର ମୋଟ ୨୬ଟି ଥାନା ପକ୍ଷରୁ ଏହି ଅଭିଯାନରେ ମୋଟ ୩୦୮ ଜଣଙ୍କୁ ଗିରଫ କରାଯାଇପାରିଛି। ସେଥିମଧ୍ୟରୁ ଖଲ୍ଲିକୋଟ ଥାନା ପକ୍ଷରୁ ସର୍ବାଧିକ ୪୨ଟି, ଭଞ୍ଜନଗର ଥାନାରେ ୩୪ ଓ ପୋଲସରାରୁ ୨୯ଟି କାର୍ଯ୍ୟକାରୀ ହୋଇଥିବା ଜଣାପଡ଼ିଛି। ଆଗକୁ ମଧ୍ୟ ଏହି ଅଭିଯାନ ଜାରି ରହିବ ବୋଲି ଗଞ୍ଜାମ ଏସପି ସ୍ପଷ୍ଟ କରିଛନ୍ତି।

● ତାଲିକାର ଶୀର୍ଷରେ ଖଲ୍ଲିକୋଟ, ପୋଲସରା ଓ ଭଞ୍ଜନଗର ଥାନା

■ ନାରୀ ନିର୍ଯାତନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ବିଜୁ ଯୁବ ଛାତ୍ର ଜନତା ଦଳର ଏସ୍‌ପିଙ୍କୁ ଦାବିପତ୍ର



ଛତ୍ରପୁର, ୮।୮ (ସମିସ): ସମ୍ପ୍ରତି ରାଜ୍ୟରେ ଛାତ୍ରୀ ଓ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଉଥିବା ବେଳେ ଅପରାଧିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଶୁକ୍ରବାର ଗଞ୍ଜାମ ଜିଲ୍ଲା ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଦାବି ହୋଇଛି। ବହୁ ଛାତ୍ରଛାତ୍ରୀ ଏବଂ ଦଳୀୟ ନେତା ମାନେ ଏକ ଶୋଭାଯାତ୍ରାରେ ଆସି ଗଞ୍ଜାମ ଏସପିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପୁଲିସ୍ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ପ୍ରଦାନ କରିଥିଲେ। ଗୋପାଳପୁର ବିଚରେ ଜଣେ କଲେଜ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ, ବାଲେଶ୍ୱର ଏଫଏମ୍ କଲେଜରେ ଛାତ୍ରୀଙ୍କ ଆତ୍ମଦାହ କରିବା ଘଟଣା, ପୁରୀ ଜିଲ୍ଲା ବଳଙ୍ଗାରେ ଏକ ନାବାଳିକାକୁ ଜିଅନ୍ତା ଜାଳିଦେବା ପାଇଁ ଉଦ୍ୟମ କରିବା ଆଦି ଘଟଣାରେ ତ୍ୱରିତ ତଦନ୍ତ କରଯାଇ ପୀଡିତାଙ୍କୁ ନ୍ୟାୟ ପ୍ରଦାନ, ଦୋଷୀମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରୀଙ୍କ ପାଇଁ ସୁରକ୍ଷା ବୃଦ୍ଧି କରିବାକୁ ଦୃଢ ପଦକ୍ଷେପ ନିଆଯିବା, ନାରୀ ସୁରକ୍ଷା ପାଇଁ ଏକ ଅଧିକ କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ କରାଯିବା ଲାଗି ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଯୁବ ବିଜେଡି ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁ ଚରଣ ବେହେରା, ଯୁବ ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ଭବାନୀକାନ୍ତ ସାହୁ, ଛାତ୍ର ବିଜେଡି ଗଞ୍ଜାମ ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପାରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନମଣ୍ଡଳୀର ସଭାପତି ସନମୁଖ ପଟ୍ଟନାୟକ, ପୂର୍ବତନ ଉପନଗରପାଳ ପ୍ରଦୋଷ କୁମାର ବେହେରା, କାଉନସିଲର ବୁନୁ ମିଶ୍ର, ଛତ୍ରପୁର ନିର୍ବାଚନମଣ୍ଡଳୀର ଯୁବ ନେତା ପ୍ରଶାନ୍ତ କୁମାର କର, ରମ୍ଭା ଏନଏସିର ପୂର୍ବତନ ଅଧ୍ୟକ୍ଷ ବିଜୟ ଚନ୍ଦ୍ର ବିଶ୍ୱାଳ, ରାଜୁ ପାତ୍ର, ଶ୍ରୀକାନ୍ତ ବିଶ୍ୱାଳ, ବାଦଲ କୁମାର ପ୍ରଧାନ, ଟିକିନା ଗୌଡ଼, ଅଭିରାମ ପ୍ରଧାନ, ସନ୍ତୋଷ ବେହେରା, ପୂର୍ବତନ ସରପଞ୍ଚ ସୋମନାଥ ସାହୁ, ଯୁବ ନେତା କିଶୋର ବେହେରାଙ୍କ ସମେତ ଛତ୍ରପୁର, ରମ୍ଭା ଓ ଗଞ୍ଜାମ କଲେଜ ବିଦ୍ୟାର୍ଥୀ ମାନେ ଉପସ୍ଥିତ ଥିଲେ।

## ଜୋନ୍‌ସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା

# ବ୍ରହ୍ମପୁର ଖେଳାଳିଙ୍କ ଅଭୂତପୂର୍ବ ସଫଳତା





ବ୍ରହ୍ମପୁର, ୮।୮ (ସମିସ)

ଟାଏକ୍ୱୋଣ୍ଡୋ କ୍ଷେତ୍ରରେ ଟିଏବି (ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ ବ୍ରହ୍ମପୁର)ର ଖେଳାଳିଙ୍କୁ ଅସାଧାରଣ ସଫଳତା ମିଳିଛି। ଜୁଲାଇ ଓ ଅଗଷ୍ଟ ମାସରେ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ପ୍ରତିଯୋଗିତାରେ ଖେଳାଳିମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ବହୁ ପଦକ ହାସଲ କରିଛନ୍ତି। ଜୁଲାଇ ୨୪ରୁ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜୋନସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିସନ୍‌ସିପରେ ଶିଲଂ ଠାରେ ଏଲ୍. ଅଶ୍ୱିନୀ, ଶୁଭଦର୍ଶନ କୁମାର, ମୌସମ୍ ନାୟକ, ଦିବ୍ୟାଶା ପାଣିଗ୍ରାହୀ ରୌପ୍ୟ ପଦକ ହାସଲ କରିଥିବା ବେଳେ ସଞ୍ଜୀବନ ସାମନ୍ତରାୟ ଓ ପି. ପ୍ରତିକ ପାତ୍ର ସ୍ୱର୍ଣ୍ଣ ପଦକ ଏବଂ ଅଦିତି ନାୟକ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ଚଳିତ ମାସ ୧ ଓ ୨ତାରିଖରେ କେନ୍ଦୁଝର ଠାରେ ଅନୁଷ୍ଠିତ ସିଆଇଏସ୍‌ସିଇ ଖେଳ ଏବଂ ଆଞ୍ଚଳିକ କ୍ରୀଡ଼ା ଚାମ୍ପିଅନସିପ୍‌ରେ ଶେଖର ଚୌଧୁରୀ, ବଲାଜୀ ପ୍ରସାଦ ପାଢ଼ୀ ଓ କେ. କ୍ରିତିମୟୀ ରେଡ଼ି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ରଚନା ଦାସ ଓ ଆୟୁଷ୍ମାନ ଦଳାଇ ରୌପ୍ୟ ପଦକ ହାସଲ କରିଥିଲେ। ଅନୁରୁପ ଭାବେ ଚଳିତ ମାସ ୨ ଓ ୩ ତାରିଖରେ ଭଦ୍ରକରେ ଅନୁଷ୍ଠିତ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଲିଗ୍‌ରେ ଅକାଂକ୍ଷା ପଣ୍ଡା, କ୍ରିତିକା ଦଳାଇ, ଆୟୁଶ୍ରୀ ଦଳାଇ, ଏଲ୍. ଅଶ୍ୱିନୀ ଓ ଆମୃଜା ସାବତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଦିବ୍ୟାଶା ପାଣିଗ୍ରାହୀ, ଅଲିଶା ସାବତ, ଅଂଶିକା, ଅଦିତି ନାୟକ ରୌପ୍ୟ, ଅନିତା ପ୍ରିୟଦର୍ଶିନୀ ଓ ମହିସ୍ମିତା ପାତ୍ର, ଆରାଧ୍ୟା ଅନିତା, ସାଇ ପ୍ରଜ୍ଞାନ ଚର୍ଚ୍ଚି, ଏସ୍. ସ୍ୱାତି ରେଡ୍ଡି ଓ ଆଦ୍ୟାସା ସାବତ କାଂସ୍ୟ ପଦକ ହାସଲ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ବିଭିନ୍ନ ସ୍ଥାନରେ ପୃଥକ ପୃଥକ ଭାବେ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ, ବିଧାୟକ କେ. ଅନୀଲ କୁମାର, ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ, ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଓ ଉପ ଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଟିଏବିର ମୁଖ୍ୟ ପ୍ରଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ ଉପସ୍ଥିତ ଥିଲେ। ଖେଳାଳୀଙ୍କ ଏହି ସଫଳତାକୁ ନେଇ ସୋନୁ ମହାରଣା, ଏମ୍. ଜୟନ୍ତୀ, ଶୁଭମ କୁମାର ସାହୁ, ରୋଶନ କୁମାର ସାହୁ, ଟି. ଦିଲୀପ କୁମାର, ବିନାୟକ ନାହାକ ଓ ଅରୁଣ କୁମାର ନାୟକ ଖେଳାଳୀ ଓ ସେମାନଙ୍କ ପ୍ରଶିକ୍ଷକଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି।



# ଅଭିଶାପ ପାଲଟିଲାଣି ଆୟୁଷ୍ମାନ କାର୍ଡ

# ୫ ଲକ୍ଷ ବଦଳରେ କାର୍ଡ଼ରେ ଅଛି ୮୦ ହଜାର




- ଶ୍ରୀକାକୁଲମ୍ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ନିତ୍ୟାନନ୍ଦ
- ମାସେ ତଳେ ମିଳିଥିଲା କାର୍ଡ, ବ୍ୟବହାର ହୋଇନି
- ୪.୨୦ ଲକ୍ଷ କେମିତି କଟିଲା ଓଲଟି ପଚାରୁଛି ରାଜ୍ୟ ବୀମା ଅଫିସ୍



ପାରଳାଖେମୁଣ୍ଡି, ୮।୮ (ସମିସ)

ଲୋକଙ୍କ ପାଇଁ ଅଭିଶାପ ପାଲଟିଲାଣି ଆୟୁଷ୍ମାନ କାର୍ଡ। ଏହାର ଜ୍ୱଳନ୍ତ ଉଦାହରଣ ଆଜି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। କିଛି ଆଦିବାସୀ ଯୁବକ ଏହି କାର୍ଯ୍ୟାଳୟ ସମ୍ମୁଖରେ ଏକଜୁଟ ହୋଇଥିଲେ। ପଚାରିବାରୁ ଯାହା ତଥ୍ୟ ମିଳିଲା ତାହା ଆଶ୍ଚର୍ଯ୍ୟଜନକ ଓ ଆୟୁଷ୍ମାନ କାର୍ଡର ବିକଳ ଚିତ୍ର ପଦାରେ ପକାଇଥିଲା। ଜଣେ ରୋଗୀ ମାସେ ତଳେ କାର୍ଡ ପାଇଥିବାବେଳେ ସେ ଏବେ ଗୁରୁତର ଅବସ୍ଥାରେ ଆନ୍ଧ୍ର ଶ୍ରୀକାକୁଲମ୍‌ର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବାବେଳେ ତାଙ୍କ ଆୟୁଷ୍ମାନ କାର୍ଡରେ ରହିଛି ୫ଲକ୍ଷ ବଦଳରେ ମାତ୍ର ୮୦ହଜାର ଟଙ୍କା। ଏନେଇ ତନାଘନା ଓ ହେଲ୍‌ପ ଲାଇନ୍ ନମ୍ବରରେ ଫୋନ୍ କରିବାରୁ ରାଜ୍ୟ ଅଫିସରୁ ତାଙ୍କୁ ଓଲଟି ପଚରା ଯାଉଛି ତୁମେ ୪ଲକ୍ଷ ୨୦ହଜାର ଟଙ୍କା କେମିତି ଖର୍ଚ୍ଚ କରିଛ। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାସେ ତଳେ କାର୍ଡ ମିଳିଥିବାବେଳେ ସେ ଏବେ ଇ-କେୱାଇସି କରିଛନ୍ତି।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ଘାଟିତଳ ଗ୍ରାମର ଗରିବ ଆଦିବାସୀ ନିତ୍ୟାନନ୍ଦ ଶବର (୫୮)। ସେ ଗତମାସ ୨୬ ତାରିଖରେ ନିଜ ଘର କବାଟ ଖୋଲିବା ବେଳେ ହଠାତ୍ କ'ଣ ହେଲା ପଡ଼ିଗଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରି ନିତ୍ୟାନନ୍ଦଙ୍କ ମୁଣ୍ଡ ପଛପଟରେ ଗଭୀର ଆଘାତ ଲାଗିଥିବାରୁ ବଡ଼ ମେଡିକାଲ ନେବାକୁ ପରାମର୍ଶ ଦେଇଥିଲେ। ପରିବାର ବର୍ଗ ଆୟୁଷ୍ମାନ କାର୍ଡ ଥିବାରୁ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମରେ ଥିବା ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସେଠାରେ ପହଞ୍ଚିବା ଯାଏ ନିତ୍ୟାନନ୍ଦ ଦେଖି ପାରୁଥିଲେ ଓ ବୁଝିପାରୁଥିଲେ। କିନ୍ତୁ ଚିକିତ୍ସା କେନ୍ଦ୍ରରେ ପ୍ରବେଶ କରିବା ପରେ ହଠାତ୍ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଆୟୁଷ୍ମାନ କାର୍ଡ ନେଇ ଯାଞ୍ଚ ପରେ ସେଥିରେ ୮୦ ହଜାର ଟଙ୍କା ଥିବା କହିବା ସହ ୧ଲକ୍ଷ ୫୧ହଜାର ଟଙ୍କା ଜମା କରିବାକୁ କହିଥିଲେ। ଯେବେ ଠାରୁ ନିତ୍ୟାନନ୍ଦ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହେଲେ ସେ କୋମାରେ ଥିବା କର୍ତ୍ତୃପକ୍ଷ ଟଙ୍କା ବାନ୍ଧିବାକୁ କହୁଛନ୍ତି ଓ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ହେଉଥିବା କହୁଛନ୍ତି। ଏପରିକି ସେ କୋମାରେ ଥିବାରୁ ତାଙ୍କୁ ଅକ୍ସିଜେନ୍ ଦେବା ପାଇଁ ଗଳାକାଟି ପାଇପ୍ ମାଧ୍ୟମରେ ବ୍ୟବସ୍ଥା କରିବାକୁ ଚେନ୍ନାଇରୁ ଡାକ୍ତର ଆସିବେ କହି ଅଧିକ ୧୪ହଜାର ଟଙ୍କା ହସ୍ପିଟାଲ କର୍ତ୍ତୃପକ୍ଷ ନେଇ ସାରିଛନ୍ତି। କିନ୍ତୁ ଅଭିଯୋଗ ଆଣିଥିବା ଯୁବକମାନେ କେଉଁଠି ନା କେଉଁଠି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କଥାକୁ ବିଶ୍ୱାସରେ ନେଇପାରୁନାହାନ୍ତି। ସେପଟେ ନିତ୍ୟାନନ୍ଦଙ୍କ ପରିବାରବର୍ଗ ଗ୍ରାମବାସୀ ଓ ସାହିପଡ଼ିଶାଙ୍କ ଠାରୁ ଋଣ କରି ପ୍ରତ୍ୟେକ ଦିନ ୨୦/୩୦ ହଜାର ଟଙ୍କା ପଠାଇ ଚାଲିଛନ୍ତି। ଆର୍ଥିକ ପରିସ୍ଥିତି ଅଣାୟତ ସାଙ୍ଗକୁ ଆୟୁଷ୍ମାନ କାର୍ଡରେ ଟଙ୍କା ନଥିବାରୁ ଅନ୍ୟ କୌଣସି ବାଟ ନପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଗ୍ରାମର କେତେକ ଯୁବକ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହି ଯୁବକମାନେ ସମସ୍ତ କଥା କହିବା ସହ ସହଯୋଗ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ମହମ୍ମଦ ମୁବାରକ ଅଲ୍ଲୀ ଆୟୁଷ୍ମାନ କାର୍ଡ କର୍ତ୍ତୃପକ୍ଷଙ୍କ ସହ କଥା ହେବା ସହ ନିତ୍ୟାନନ୍ଦଙ୍କ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ। ଏହାପରେ ରାଜ୍ୟ ଆୟୁଷ୍ମାନ କାର୍ଡ ଅଫିସରୁ କେହି ଜଣେ ତାଙ୍କ ନମ୍ବରକୁ ଫୋନ୍ କରି ତୁମ କାର୍ଡରୁ କିପରି ୪ଲକ୍ଷ ୨୦ହଜାର ଟଙ୍କା ଆଗରୁ କଟିଛି ବୋଲି ଓଲଟା ପଚାରୁଥିବା ସମ୍ପର୍କୀୟ ସୁବାସ ମଣ୍ଡଳ କହିଛନ୍ତି।

- ତୁମୁଡ଼ିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ହଜିଗଲା ମାନବିକତା

## ମେଡିକାଲକୁ ନେଲେନି, ଆମ୍ବୁଲାନ୍ସରେ ହେଲା ପ୍ରସବ



ବାଲିଗୁଡ଼ା, ୮।୮ (ସମିସ): ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୁରୁବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ଡାକ୍ତର ଏବଂ ସେବିକା ଆସିବାରେ ବିଳମ୍ବ ଓ କର୍ମଚାରୀ ଆମ୍ବୁଲାନ୍ସରୁ ଗର୍ଭବତୀଙ୍କୁ ମେଡ଼ିକାଲ ଭିତରକୁ ନନେବାରୁ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ପ୍ରସବ କରିଥିଲେ। ପ୍ରକାଶ ଯେ, ତୁମୁଡିବନ୍ଧ ବ୍ଲକ କୁର୍ତ୍ତମଗଡ଼ ପାଞ୍ଚାୟତର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଜନନୀ ସୁରକ୍ଷା ଗାଡ଼ିରେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ୨୦ରୁ ୨୫ ମିନିଟ୍ ପର୍ଯ୍ୟନ୍ତ ମହିଳାଙ୍କ ଗ୍ରାମର ଆଶାକର୍ମୀ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରର କେହି କର୍ମଚାରୀ ଆସି ତାଙ୍କୁ ଦେଖି ନଥିଲେ। ଶେଷରେ ମହିଳା ଜଣକ ଇନ୍‌ଡୋର୍ ସମ୍ମୁଖରେ ଜନନୀ ସୁରକ୍ଷା ଗାଡ଼ି ଭିତରେ ଏକ ସନ୍ତାନ ପ୍ରସବ କରିଥିଲେ। ଏସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ରର କିଛି କର୍ମଚାରୀଙ୍କୁ ପଚାରିବାରୁ ମହିଳାଙ୍କର କ'ଣ କେହି ସମ୍ପର୍କୀୟ ନାହାନ୍ତି କି ଗାଡ଼ିରୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ ଆଣିବାକୁ ବୋଲି ଓଲଟା ପ୍ରଶ୍ନ କରିଥିଲେ କର୍ମଚାରୀ। ଯୋଗାଯୋଗ କରାଯିବାରୁ ଅବିଳମ୍ବେ ଡା.ରାହୁଲ ଦେବ ପହଞ୍ଚି ମହିଳାଙ୍କୁ ଭିତରକୁ ନେଇ ଚିକିତ୍ସା ଆରମ୍ଭ କରିଥିଲେ। ମା' ଓ ଶିଶୁ ଉଭୟ ସୁରକ୍ଷିତ ଥିବା ଡାକ୍ତର ସୂଚନା ଦେଇଛନ୍ତି। କନ୍ଧମାଳ ଜିଲ୍ଲାରେ ବାରମ୍ବାର ସ୍ୱାସ୍ଥ୍ୟ ବିଭାଗରେ ଏଭଳି ଅବ୍ୟବସ୍ଥା ଓ କର୍ମଚାରୀଙ୍କ ଦୁର୍ବ୍ୟବହାର ଲାଗି ରହିଥିବା ବେଳେ କେବେ ସ୍ୱାସ୍ଥ୍ୟସେବାରେ ସୁଧାର ଆସିବ ତାହା ସମୟ କହିବ।

## ଜିଲ୍ଲାପାଳଙ୍କ ରାସନ ବଣ୍ଟନ କେନ୍ଦ୍ର ପରିଦର୍ଶନ

ପାରଳାଖେମୁଣ୍ଡି, ୮।୮ (ସମିସ): ଗଜପତି ଜିଲ୍ଲାପାଳ ମଧୁମିତା ଶୁକ୍ରବାର ଅଚାନକ ବିଭିନ୍ନ ରାସନ ବଣ୍ଟନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଗୋଷାଣି ବ୍ଲକ ଅନ୍ତର୍ଗତ କେରାଣ୍ଡି, କତଳକଇଠା ଏବଂ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିର ବାଟଗୌଡ ସାହି ଓ



ବ୍ୟାଙ୍କକଲୋନୀ ସ୍ଥିତ ସାଧାରଣ ବଣ୍ଟନ କେନ୍ଦ୍ର ପରିଦର୍ଶନ କରିଥିଲେ ପାରିପାରିପାର୍ଶ୍ୱ ଅବସ୍ଥା କିପରି ରହିଛି, ଓଜନ ମେସିନ, ଚାଉଳର ଗୁଣବତ୍ତା, ସରକାରୀ ମୂଲ୍ୟ ସୂଚନା ପ୍ରଭୃତି ସଠିକ୍ ନିୟମ ପାଳନ ହେଉଛି କି ନାହିଁ ଯାଞ୍ଚ କରିଥିଲେ। ଏପରିକି ସଠିକ୍ ବିତରଣ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଅନୁପ ପଣ୍ଡା, ସହକାରୀ ଯୋଗାଣ ଅଧିକାରୀ ସ୍ନେହାସିନୀ ବେହେରା ଓ ଗୋଷାଣି ବ୍ଲକ ଯୋଗାଣ ଅଧିକାରୀ ଜୀବନଜ୍ୟୋତି ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ




ପାରଳାଖେମୁଣ୍ଡି, ୮।୮ (ସମିସ): ସେଞ୍ଚୁରିଅନ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଏବଂ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସର ସ୍କୁଲ ଅଫ୍ ନର୍ସିଙ୍ଗ ଓ ଏନଏସଏସ୍ ୟୁନିଟ୍ ଦ୍ୱାରା ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗ୍ରାମୀଣ ଅଞ୍ଚଳରେ ସ୍ତନ୍ୟପାନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନର୍ସିଂ ଶିକ୍ଷକ ଓ ଛାତ୍ରଛାତ୍ରୀ ଗୋଷାଣି ବ୍ଲକର ଯୁବରାଜପୁର, ମାଛାମାରା, ଭିନ୍ନୋଲା, ପୁତୁନି, ବାଘଶାଳା, କତରକଇଠା ଗ୍ରାମରେ ଗର୍ଭବତୀ ଓ ପ୍ରସବ ପରବର୍ତ୍ତୀଙ୍କ ପାଇଁ ସ୍ୱାସ୍ଥ୍ୟ ସଚେତନତା ସଭା, ସ୍ତନ୍ୟପାନ ପ୍ରଣାଳୀ ଓ ମାତୃ ପୋଷଣ ଉପରେ ସାଂସ୍କୃତିକ ନାଟକ ପ୍ରଦର୍ଶନ କରାଯାଇଥିଲା। ଏହା ସହ ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଏବଂ ଚିକିତ୍ସା ସୁବିଧା ନିମନ୍ତେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ୧୯୮ ଜଣଙ୍କ ଚକ୍ଷୁ ଯାଞ୍ଚ କରିଥିବା ବେଳେ ୧୩୧ ଜଣଙ୍କୁ ନିଶୁଳ୍କ ଚିକିତ୍ସା ପ୍ରଦାନ କରାଯାଇଥିଲା। ଏହା ସହ ରକ୍ତଚାପ, ମଧୁମେହ ଆଦିର ପରୀକ୍ଷା କରାଯାଇ ସେମାନଙ୍କୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା। ଶିବିର ଦ୍ୱାରା ୨୫୦ ଜଣ ଉପକୃତ ହୋଇଥିବା ବେଳେ ପ୍ରସବ ପରବର୍ତ୍ତୀ ୩୮ ଜଣ ମା'ଙ୍କୁ ସ୍ତନ୍ୟପାନ ଉପରେ ସଚେତନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୫ରୁ ଅଧିକ ବିଏସ୍‌ସି ନର୍ସିଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଡ. ସୁନିତା ଓ ରଶ୍ମି ଜେନା ଓ ଏନଏସଏସ୍ ସମନ୍ୱୟକାରୀ ଅଧ୍ୟାପିକା ସ୍ମୃତିକିରଣ। ଏନ୍‌ଏସ୍‌ଏସ୍ ସମନ୍ୱୟକାରୀ ଅଶା ବେଗମ୍ ସହଯୋଗ କରିଥିଲେ।

## ଲଦଡ଼ି ଛକରେ ଲକ୍ଷ୍ମୀ ବସ୍ ରହଣି ପାଇଁ ବିଡ଼ିଓଙ୍କୁ ଦାବିପତ୍ର



ଫିରିଙ୍ଗିଆ, ୮।୮ (ସମିସ): ଫିରିଙ୍ଗିଆ ବ୍ଲକ ଜାଜେସପଙ୍ଗା ପଞ୍ଚାୟତ ଲଦଡ଼ି ଛକରେ ଲକ୍ଷ୍ମୀ ବସ ରହଣି ଦାବିରେ ଅଞ୍ଚଳର ମହିଳା ରାସ୍ତା ଅବରୋଧ କରି ବସ୍‌କୁ ଅଟକାଇଥିଲେ। ଅପରାହ୍ନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରାଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ବସ୍ ରହଣି ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଅନୁସାରେ ଲଦଡ଼ି ଛକରେ ୨ ୱାର୍ଡର ଅଞ୍ଚଳବାସୀ ଯାତାୟାତ ପାଇଁ ମୁଖ୍ୟତଃ ବସ ଉପରେ ନିର୍ଭର କରିଥାନ୍ତି। ସମସ୍ତ ବେସରକାରୀ ବସ୍ ଏହି ଛକରେ ରହୁଥିବା ବେଳେ ଲକ୍ଷ୍ମୀ ବସ୍ ରହୁନଥିବାରୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବସରେ ଯିବାକୁ ହେଲେ ଜାଜେସପଙ୍ଗା କିମ୍ବା ଅନ୍ୟ ଷ୍ଟପେଜକୁ ଯିବାକୁ ପଡୁଛି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଆଜି ସକାଳେ ଲଦଡ଼ି ଛକରେ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ଲକ୍ଷ୍ମୀ ବସ୍‌କୁ ଦୀର୍ଘ ସମୟ ଧରି ଅଟକାଇଥିଲେ। ବସ୍‌ର କର୍ମଚାରୀ ବୁଝାସୁଝା ପରେ ଉତ୍ତ୍ୟକ୍ତ ମହିଳା ବସ୍‌କୁ ଛାଡିଥିଲେ। ପରେ ଅଞ୍ଚଳର ମହିଳା ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟକୁ ଆସି ଲଦଡ଼ି ଛକରେ ବସ ରହିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଏସମ୍ପର୍କରେ ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହିଳାମାନେ କହିଛନ୍ତି।

## ସ୍ୱାଧୀନତା ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୮।୮ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଗଜପତି ଷ୍ଟାଡିୟମଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଦିନ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଆଜିର ପ୍ରତିଯୋଗିତାରେ ବିଚାରକ ଭାବେ ଅମେଶ ଲିମ୍ମା, ରମାକାନ୍ତ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ପଦ୍ମିନୀ କୁମାରୀ ପଣ୍ଡା, ଗାୟତ୍ରୀ ଦାଶ, ଈଶ୍ୱର ରାଓ ଗୁମ୍ପା, ସୁଜ୍ଞାନୀପ୍ରଭା ପାଣିଗ୍ରାହୀ, ସନ୍ତୋଷ କୁମାର ଶତପଥୀ, ଭବାନୀ କୁମାରୀ ଦାଶ, ମୁରଲୀଧର ପରିଛା, ସୁନୀତା ମହାରଣା, ପୂର୍ଣ୍ଣଚନ୍ଦ୍ର ପାଲକ, ବବିତା ପୁରୋହିତ ଓ ବିଜୟଲକ୍ଷ୍ମୀ ଯୋଗ ଦେଇଥିଲେ। ପ୍ରତିଯୋଗିତା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଆୟୋଜିତ ହେଇଥିବା ବେଳେ ଜିଲ୍ଲା ଶାରୀରିକ ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ଓ ରମାକାନ୍ତ ବରାଡ଼ ପରିଚାଳନା କରିଥିବା ବେଳେ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସହଯୋଗ କରିଥିଲେ।

## କୃଷକଙ୍କ ଦକ୍ଷତା ବିକାଶ ଓ ଅଣୁସାର ବଣ୍ଟନ



ବାଲିଗୁଡ଼ା, ୮।୮ (ସମିସ): କନ୍ଧମାଳ ଜିଲ୍ଲାରେ ଓଡ଼ିଶା ସରକାର ଓ ଅନ୍ତର୍ଜାତୀୟ ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ର(ଇକାର୍ଡା)ଙ୍କ ମିଳିତ ଆନୁକୂଲ୍ୟରେ ବିଲୁପ୍ତପ୍ରାୟ ଫସଲ ସମୂହର ପୁନରୁଦ୍ଧାର ନିମନ୍ତେ ଦୀର୍ଘସ୍ଥାୟୀ ସଘନକୃଷି କାର୍ଯ୍ୟକ୍ରମ ନାମକ ଏକ ଯୋଜନା ମାଧ୍ୟମରେ ହରଡ଼ ଚାଷ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଆଜି ବାଲିଗୁଡ଼ା ବ୍ଲକ ବାଟାଗୁଡ଼ା ପଞ୍ଚାୟତ ସଭାଗୃହରେ କୃଷକଙ୍କ ଦକ୍ଷତା ବିକାଶ ସାଙ୍ଗକୁ ଅଣୁସାର, ଜୀବାଣୁ କଲଚର, ତୃଣନାଶକ ଇତ୍ୟାଦି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଚିତ୍ତରଞ୍ଜନ ଶତପଥୀ ଯୋଗ ଦେଇ ଅଧିକ ଅମଳକ୍ଷମ ବିଭିନ୍ନ କିସମର ହରଡ଼ ବିହନ, ଚାଷ ପ୍ରଣାଳୀ, ରୋଗ ପୋକ ନିୟନ୍ତ୍ରଣ ଉପରେ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ସେନାପତି ହରଡ଼ ଚାଷରେ ଚାଷୀ କିପରି ଲାଭବାନ ହୋଇପାରିବେ ଓ ସରକାରୀ ବ୍ୟବସ୍ଥାରେ ବିକ୍ରୟ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ବାଟାଗୁଡ଼ା ସରପଞ୍ଚ ପ୍ରତାପ ମଲ୍ଲିକ ଇକାର୍ଡାର ହରଡ ଚାଷ ପଞ୍ଚାୟତରେ ଗତବର୍ଷ ହୋଇଥିଲା ଓ ଚଳିତ ବର୍ଷ ମଧ୍ୟ ହେଉଥିବାରୁ ବ୍ଲକ କୃଷି ଅଧିକାରୀ ଓ ଇକାର୍ଡା ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇକାର୍ଡାର ଜିଲ୍ଲା ସଂଯୋଜକ ଜ୍ଞାନ ପ୍ରକାଶ ବାରିକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ୬୦ ଜଣ ଚାଷୀଙ୍କୁ ଇନପୁଟ୍ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡ଼ା ବ୍ଲକ କୃଷି ଓଭରସିୟର ବିନୋଦ ବିହାରୀ ସାମଲ, ଅଲେଖ ପ୍ରାସାଦ ସାହୁ, ଟୁନା ସାହୁ, ସିକେନ୍ଦ୍ର ମୁଥାମାଝୀ ଯୋଗଦେଇଥିବା ବେଳେ ବ୍ଲକ ସଂଯୋଜକ ଅମୂଲ୍ୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାତୀ ଭୟରେ ରାସ୍ତା ସଫାକଲେ ଗ୍ରାମବାସୀ



ଜି.ଉଦୟଗିରି, ୮।୮ (ସମିସ): ହାତୀ ଭୟରେ ଘରୁ ବାହାରିବା କଷ୍ଟକର। ଜୀବନ ଜୀବିକା ଉଜୁଡି ଗଲାଣି। ରାସ୍ତା ଘାଟରେ ଯିବାଆସିବାକୁ ଲୋକେ ଡରୁଛନ୍ତି। ସେହି ଭୟରେ ଗାମୁଲି ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଡୁଗୁଡିଠାରୁ ଗାମୁଲି ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତାର ଉଭୟ ପାର୍ଶ୍ୱର ଲଟାବୁଦା କାଟି ସଫା କରୁଛନ୍ତି। ଗତକାଲି ରାତିରେ ଗାଁରେ ହାତୀ ବୁଲିଥିଲା। ପଦରରେ ଲାଗିଥିବା ମକା, ଚିନାବାଦାମ, ପଣସ, ବାଉଁଶ ଖାଇଥିବା ବେଳେ ପାହାଡ଼ିଆ ଝରରେ ଜଳକ୍ରୀଡ଼ା କରୁଥିବା ଦେଖିଥିଲେ ଲୋକେ। ମଧ୍ୟ ରାତ୍ରିରେ ଗାମୁଲିରୁ ପଡ଼ିକାମାହା କେତେବେଳେ ଡୁଗୁଡି ଦେଇ ତ କେତେବେଳେ ଅଜୟପଡ଼ା ଦେଇ ଯାଇଥିଲା ହାତୀ। ଏହାକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଲାଗି ରହିଛି। ଅଞ୍ଚଳର ଲୋକେ ଭୟଭୀତ ହୋଇ, ଚାଷ ବେଉସା, ଧାନ ବିଲରୁ ଘାସ ବାଛିବା, ମକା, ବାଦାମ ବାଡକୁ ଜଗିବାକୁ ଯିବା ପାଇଁ ଡରୁଛନ୍ତି।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘର ଧାରଣା



ପାରଳାଖେମୁଣ୍ଡି, ୮।୮ (ସମିସ): ବିଭିନ୍ନ ଦାବି ନେଇ ଗଜପତି ଜିଲ୍ଲା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଧାରଣା ପରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ଦିଆଯାଇଥିଲା। ଦାବି ମଧ୍ୟରେ ମୁଖ୍ୟତଃ ଅନୁଦାନରୁ ବଞ୍ଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ କର୍ମଚାରୀଙ୍କୁ ପେନସନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜର ସରକାରୀକରଣ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ବରିଷ୍ଠତା ପ୍ରଦାନ, ପ୍ରତ୍ୟେକ ବର୍ଗର ଶିକ୍ଷନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ସୁବିଧା ସୁଯୋଗ ଏବଂ ଅବସର ବୟସ ସୀମାକୁ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଏଭଳି ଅନେକ ସମସ୍ୟାକୁ ନେଇ ଧାରଣା ଦିଆଯାଇଥିଲା।

- ତଦନ୍ତ ସମୟରେ ବିଡ଼ିଓଙ୍କ ଟେଣ୍ଡର ଲଟେରି ନିଷ୍ପତ୍ତି

## ଅଭିଯୋଗ ପରେ ରୋକ୍ ଲଗାଇଲେ ମୁଖ୍ୟ ଉନ୍ନୟନ ଅଧିକାରୀ

ପାରଳାଖେମୁଣ୍ଡି, ୮।୮ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକରେ ଗତ ଜୁନ ୬ ତାରିଖରେ ହୋଇଥିବା ଏକ ଟେଣ୍ଡର ପ୍ରକ୍ରିୟାରେ ବହୁ ଠିକାଦାର ଭାଗ ନେଇଥିଲେ। ଜୁଲାଇ ୧୧ ତାରିଖରେ ଟେଣ୍ଡର ବକ୍ସ ଖୋଲାଯାଇ ଠିକାଦାରଙ୍କ ଲଫାପା ଗୁଡିକ ଖୋଲା ଯାଇଥିଲା। ଖୋଲାଯାଇଥିବା ଲଫାପାରୁ କିଛି ଠିକାଦାରଙ୍କ ଆବଶ୍ୟକ କାଗଜପତ୍ର ନଥିଲା। ଏହା



ସତ୍ତ୍ୱେ ଯେଉଁ କଣ୍ଟ୍ରାକ୍ଟରଙ୍କ ସମ୍ପୂର୍ଣ୍ଣ କାଗଜପତ୍ର ନଥିଲା ସେମାନଙ୍କୁ ଚୟନ କରି ଚୁକ୍ତିନାମା ପାଇଁ ନିମନ୍ତ୍ରଣ କରାଯାଇଥିଲା। ଏହି ଅନିୟମିତତା ସମ୍ପର୍କରେ ଟେଣ୍ଡରରେ ଭାଗନେଇଥିବା ଅନ୍ୟ କଣ୍ଟ୍ରାକ୍ଟର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ମଧୁମିତା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଗୋଷାଣି ବିଡ଼ିଓ ଆଜି ଲଟେରୀ ପାଇଁ ବ୍ୟବସ୍ଥା କରିଥିବା ଖବର ପାଇ ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହୋଇଥିବା ଠିକାଦାର ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେର୍କେଟାଙ୍କୁ ଜଣାଇଥିଲେ। ଶ୍ରୀ କେର୍କେଟା ସ୍ୱତନ୍ତ୍ରପତ୍ର ମାଧ୍ୟମରେ ଅନୁଷ୍ଠିତ ହେବାକୁ ଥିବା ଟେଣ୍ଡର ଲଟେରୀ ରୋକିବା ସହ ତଦନ୍ତ ସରିବା ଯାଏଁ ବିବାଦୀୟ ଟେଣ୍ଡର ପ୍ରକ୍ରିୟାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ତଦନ୍ତ ପ୍ରକ୍ରିୟା ମଧ୍ୟରେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ କିପରି ଆଜି ବିବାଦୀୟ ଟେଣ୍ଡର ପାଇଁ ଲଟେରି କରିବାକୁ ନିଷ୍ପତ୍ତି ନେଲେ ତାହା ଏବେ ପ୍ରଶ୍ନବାଚୀ। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଆଜି ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିବା ଠିକାଦାର ଦାବି କରିଛନ୍ତି।

## ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ଚକାପାଦ, ୮।୮ (ସମିସ): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ବାସିଆମ୍ବା ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସନାତନ ପ୍ରଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ହୋଇଥିବା ବେଳେ ଶିକ୍ଷୟିତ୍ରୀ ମମତାରାଣୀ କହଁର, ବିଦ୍ୟାଳୟ ପରିଚଳନା କମିଟି ସଭାପତି ପ୍ରଶାନ୍ତ କହଁର, ୱାର୍ଡ ମେମ୍ବର ପ୍ରକାଶ କହଁର ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଅଭିଭାବକ ଓ ଛାତ୍ରଛାତ୍ରୀ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଶିକ୍ଷକ ପରାମର୍ଶ ଦେଇଥିଲେ।

## ଭଙ୍ଗା ଘରେ ଚାଲିଛି ଗୋଚ୍ଛାପଡ଼ା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ

### ଛାତରୁ ଖସୁଛି ପ୍ଲାଷ୍ଟର; ଚାର୍ଜ ହୋଇଯାଉଛି ଓଦା କାନ୍ଥ





ଫିରିଙ୍ଗିଆ, ୮।୮ (ସମିସ)

ଆୟୁର୍ବେଦିକ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ବିଭାଗୀୟ ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ତାହା ବର୍ତ୍ତମାନ ଅବ୍ୟବସ୍ଥା ଦେଇ ଗତି କରୁଛି। କେଉଁଠି ଭଙ୍ଗା ଘରେ ଆୟୁର୍ବେଦିକ ଚିକିତ୍ସା ଚାଲିଛି ତ କେଉଁଠି ଡାକ୍ତର ଥିଲେ ମଧ୍ୟ ଠିକ ଭାବରେ ଚିକିତ୍ସାଳୟ ଖୋଲୁ ନାହିଁ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ାସ୍ଥିତ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, (ଆୟୁଷ) ବର୍ତ୍ତମାନ ଭଙ୍ଗା ଘରେ ଚାଲିଛି। ଜଣେ ଡାକ୍ତରଙ୍କ ସହ ୩ ଜଣ କର୍ମଚାରୀ ଅଛନ୍ତି। କିନ୍ତୁ ଦୀର୍ଘ ବର୍ଷର ଗୃହ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାବେଳେ ବର୍ଷା ହେଲେ ଛାତରୁ ପାଣି ଗଳୁଛି। ଛାତ ମଧ୍ୟ ଦବି ଯାଇଥିବା ବେଳେ ଛାତ ସିଲିଂରୁ ଖଣ୍ଡ ଖଣ୍ଡ ହୋଇ କଂକ୍ରିଟ ଖଣ୍ଡ ପଡୁଛି। ପାଣି ଗଳୁଥିବାରୁ ଭିତରେ ଥିବା କାଗଜପତ୍ର ସହ ବହୁ ଜିନିଷ ନଷ୍ଟ ହେଉଛି। ଛାତର ପୁରୁଣା ରଡ଼ ମଧ୍ୟ ତଳକୁ ଝୁଲି ରହିଛି। ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସଂଯୋଗ ହୋଇଥିବା ବିଦ୍ୟୁତ ଅଧିକାଂଶ ସମୟ କାନ୍ଥ ସାରା ଚାର୍ଜ ହୋଇ ରହୁଥିବା ବେଳେ କର୍ମଚାରୀଙ୍କ ସହ ରୋଗୀ ମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଚିକିତ୍ସା ପାଇଁ ଆସିଥିବା କିଛି ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ତୁରନ୍ତ ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ନୂତନ କୋଠା ନିର୍ମାଣ କରାନଗଲେ ଆଗାମୀ ଦିନରେ ଆୟୁର୍ବେଦିକ ଚିକିତ୍ସା ଉପରେ ରୋଗୀ ଏବଂ ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାଶ ତୁଟି ଯିବ। ଲୋକଙ୍କ ଆୟୁର୍ବେଦିକ ଚିକିତ୍ସା ସ୍ୱପ୍ନ ହୋଇ ରହିବ ବୋଲି କହିଛନ୍ତି ଅଞ୍ଚଳର ବରିଷ୍ଠ ଓ ବୁଦ୍ଧିଜୀବୀ କହିଛନ୍ତି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ଟିକାବାଲି,୮।୮ (ସମିସ): ଟିକାବାଲି ଥାନା ଅନ୍ତର୍ଗତ ଅଗ୍ନିଶମ କାର୍ଯ୍ୟାଳୟର କିଛି ଦୂରରେ ଟିକାବାଲି ଫୁଲବାଣୀ ଜାତୀୟ ରାଜପଥରେ ଏକ ବାଇକ ସନ୍ଧ୍ୟା ଭ୍ରମଣରେ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେବାରୁ ସେ ଗୁରୁତର ଆହତ ହୋଇଛନ୍ତି। ଆହତ ବ୍ୟକ୍ତି ଜଣକ ଟିକାବାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର କର୍ମଚାରୀ ପ୍ରକାଶ ବେହେରା। ବାଇକରେ ବସିଥିବା ଦୁଇ ଯୁବକ ମଧ୍ୟ ଅହତ ହୋଇଛନ୍ତି। ପ୍ରକାଶଙ୍କୁ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ବିଷ ପିଇଥିବା ଯୁବକଙ୍କ ମୃତ୍ୟୁ

ଗୋଷାଣି,୮।୮ (ସମିସ): ଗଜପତି ଜିଲ୍ଲା ଗୁରାଣ୍ଡି ଥାନା ଅନ୍ତର୍ଗତ ବୋମିକା ଗ୍ରାମର ଜଣେ ଯୁବକ ବିଷ ପିଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଗୁରାଣ୍ଡି ଥାନା ସୂତ୍ରରୁ ପ୍ରକାଶ ଯେ, ବୋମିକା ଗ୍ରାମର ଏଲ୍.ମୋହନ ରାଓ (୨୬) ୨ ତାରିଖ ଦିନ ବିଷ ପିଇ ଦେଇଥିବାବେଳେ ତାଙ୍କ ଭାଇ ଏଲ୍. ଭେଙ୍କେଟି ଓ ପିତା ଏଲ୍ ଗଣପତି ତାଙ୍କୁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଜଟିଳ ଥିବାରୁ ଆନ୍ଧ୍ର ଶ୍ରୀକାକୁଳମ ଓ ପରେ ବିଶାଖାପାଟଣା ସ୍ଥିତ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଗୁରୁବାର ରାତି ୨ଟାରେ ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଏନେଇ ଗୁରାଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ୍ ବିଶାଖାପାଟଣା ଯାଇ ଶବ ଜବତ କରି ଆଣି ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଛି। ତେବେ ଆସନ୍ତାକାଲି ତାଙ୍କ ଶବ ବ୍ୟବଚ୍ଛେଦ ହେବ ଏବଂ ଏନେଇ ଗୁରାଣ୍ଡି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଓମ୍ ନାରାୟଣ ପାତ୍ର ସୂଚନା ଦେଇଛନ୍ତି।

## ରାମେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଲୁଟ୍

ହୁମ୍ମା/ରମ୍ଭା,୮।୮ (ସମିସ): ରମ୍ଭା ଥାନା ଅଞ୍ଚଳ ଗୌରାଙ୍ଗପାଟଣା ଗ୍ରାମ ବାବା ରାମେଶ୍ୱର ଶୈବ ପୀଠରୁ ହୁଣ୍ଡି ଭାଙ୍ଗି ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ମନ୍ଦିରରେ ଥିବା ଦାନହୁଣ୍ଡିର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲୁଟ୍ କରିଥିବା ସକାଳେ ପୂଜାରୀ ଦେଖିବାକୁ ପାଇଥିଲେ। ଏହାପରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ପୁଲିସକୁ ଜଣାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଦାନ ହୁଣ୍ଡିରେ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଥିବା ଗ୍ରାମବାସୀ ଓ ପୂଜାରୀ ଅନୁମାନ କରିଛନ୍ତି। ଗତ ୧୦ ମାସ ପୂର୍ବରୁ ସମାନ ଢ଼ଙ୍ଗରେ ମନ୍ଦିର ହୁଣ୍ଡି ଭାଙ୍ଗି ଦୁର୍ବୃତ୍ତମାନେ ଲୁଟିଥିଲେ।

## ଗଞ୍ଜେଇ ସହ ଗାଡ଼ି ଜବତ; ୪ ଗିରଫ



ସୋରଡ଼ା,୮।୮ (ସମିସ): ସୋରଡ଼ା ଥାନା ଅନ୍ତର୍ଗତ ଗୋଛା ଛକରୁ ଗୁରୁବାର ସନ୍ଧ୍ୟାରେ ପୁଲିସ ୧୬୪ କେଜି ଗଞ୍ଜେଇ ସହ ଗାଡ଼ି ଜବତ କରିଛି। ଏହି ମାମଲାରେ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳ ଜିଲ୍ଲାର କ୍ରିଷ୍ଣା ସାହୁ, ଚିରଞ୍ଜୀବ ନାୟକ, ମୁନା ନାୟକ ଓ ବଳରାମ ନାୟକ। ସ୍ଥାନୀୟ ତହସିଲଦାର ତଥା ମାଜିଷ୍ଟ୍ରେଟ ଦୀନବନ୍ଧୁ ପିଙ୍ଗୁଆଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୮ ଲକ୍ଷ ହେବ ବୋଲି ଜଣାପଡିଛି। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଗୁରୁବାର ସନ୍ଧ୍ୟାରେ ଗୋଛା ଛକରେ ସୋରଡ଼ା ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ ଓ ଏସ୍ଆଇ କୈଳାଶ ଚନ୍ଦ୍ର ସାହୁ ଏବଂ ଅନ୍ୟ କର୍ମଚାରୀ ଗାଡ଼ି ଯାଞ୍ଚ କରୁଥିବାବେଳେ ଉପରୋକ୍ତ ଅଭିଯୁକ୍ତ ପାଟପଲ୍ଲୀ ଛକ ପୂର୍ବରୁ ପୁଲିସକୁ ଚକମା ଦେଇ ଖସି ଯିବାକୁ ଉଦ୍ୟମ କରୁଥିଲେ। ପୁଲିସ ପିଛା କରି ଅଭିଯୁକ୍ତଙ୍କୁ ଧରିବା ସହ ଗଞ୍ଜେଇ ଜବତ କରିଥିଲା।

## ପୋଖରୀ ହୁଡ଼ାରୁ ଜବରଦଖଲ ଉଚ୍ଛେଦ



ପୁରୁଷୋତ୍ତମପୁର,୮।୮ (ସମିସ): ପୁରୁଷୋତ୍ତମପୁରରେ ବ୍ଲକ ଶିକୁଳା ଗ୍ରାମର କୁଣ୍ଡ ପୋଖରୀ ହୁଡ଼ାରେ ରହିଥିବା ଜବରଦଖଲକୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ପୁରୁଷୋତ୍ତମପୁର ଅତିରିକ୍ତ ତହସିଲଦାର ସଙ୍ଗୀତା ସେଠୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିବା ବେଳେ ତହସିଲଦାର ବିନୋଦ ବେହେରା, ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, ପୁରୁଷୋତ୍ତମପୁର ଥାନା ଅଧିକାରୀ ରାଜେଶ କୁମାର ନାୟକଙ୍କ ଉପସ୍ଥିତିରେ ଏହି ଉଚ୍ଛେଦ ହୋଇଥିଲା। ପୋଖରୀ ନିକଟରେ ଘର ରହିବ ନାହିଁ ବୋଲି ନିୟମ ରହିଥିବା ବେଳେ ଏଠାରେ କିଛି ବର୍ଷ ହେଲା ଏହି ହୁଡ଼ାକୁ ଜବରଦଖଲ କରି ଗ୍ରାମର କିଛି ଲୋକ ୧୦ଟି ଦୋକାନ ଗୃହ କରି ବ୍ୟବସାୟ କରୁଥିଲେ। ବର୍ଷ ବର୍ଷଧରି ଏହି ଜାଗାକୁ ଜବରଦଖଲ କରି ରଖାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଚ୍ଛେଦ କରାଯାଇଛି। ଏହି ସ୍ଥାନରେ ରହୁଥିବା ଲୋକଙ୍କ ଅନ୍ୟ ସ୍ଥାନରେ ଘର ଓ ଜାଗା ରହିଥିବା ବେଳେ ସେମାନେ ଦୀର୍ଘଦିନ ଧରି ଜବରଦଖଲ ଭାବେ ରହି ଆସୁଥିଲେ ବୋଲି ସୂଚନା ଦେଇଛନ୍ତି ପୁରୁଷୋତ୍ତମପୁର ତହସିଲଦାର।

### ଅନ୍‌ଲାଇନ୍‌ରୁ ଶିଖି ବିଦେଶୀ ଫଳ ଚାଷ

# ସୁରେଶଙ୍କୁ ସଫଳତା ଆଣି ଦେଇଛି ଡ୍ରାଗନ୍ ଫ୍ରୁଟ୍

ଛତ୍ରପୁର,୭।୮ (ସମିସ)



ଅନ୍‌ଲାଇନ୍‌ରୁ ଶିଖି ଗାଁରେ କରିଛନ୍ତି ବିଦେଶୀ ଫଳ ଡ୍ରାଗନ୍ ଚାଷ। ଆଉ ଏହି ଡ୍ରାଗନ୍ ଫ୍ରୁଟ୍ ଚାଷ କରି ବେଶ୍ ଲାଭବାନ ହୋଇଛନ୍ତି। ସେହି ସଫଳ ଚାଷୀ ହେଲେ ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ବିପୁଳିଙ୍ଗୀ ଗ୍ରାମର ସୁରେଶ ଦାଶ। ସୁରେଶ ୨୦୨୧ରେ ଅନ୍‌ଲାଇନ ମାଧ୍ୟମରେ ଶିକ୍ଷା ଗ୍ରହଣ କରି କଲିକତାରୁ ଡ୍ରାଗନ୍ ଫଳ ଚାରା ଆଣି ନିଜ ଜମିରେ ଚାଷ ଆରମ୍ଭ କରିଥିଲେ। ଏକର ଜମିରେ ପ୍ରାୟ ୯୦୦ ଡ୍ରାଗନ ଗଛ ଲଗାଇଥିବା ସେଥିରୁ ବାହାରୁଥିବା ଫଳକୁ ଗଞ୍ଜାମ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ପଠାଉଛନ୍ତି। ମାସିକ ପ୍ରାୟ ୪୦ ହଜାର ଟଙ୍କା ଲାଭ ହେଉଥିବା କହିଛନ୍ତି ସୁରେଶ। ନିଜେ ଭଲ ଦୁଇ ପଇସା ରୋଜଗାର ସହ ଅନ୍ୟ ୫ଜଣଙ୍କୁ ମଧ୍ୟ ଦେଇଛନ୍ତି ନିଯୁକ୍ତି ସୁଯୋଗ। ଡ୍ରାଗନ୍ ଚାଷରେ ପ୍ରତିବର୍ଷ ଏପ୍ରିଲରୁ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଭଲ ଫଳ ଆସିଥାଏ। ଖରାଦିନ ମାନଙ୍କରେ ଗଛରେ ଫଳ ଆସିନଥାଏ। ଗୋଟିଏ ଥର ଗଛ ଲଗାଇ ତାର ଯତ୍ନ ନିଆଗଲେ ପ୍ରାୟ ୨୦ ବର୍ଷ ଧରି ଏହି ଗଛ ବଞ୍ଚି ରହିଥାଏ। ଯଦି ନିୟମିତ ଭାବେ ଜଣେ ଚାଷୀ ଗଛର ଯତ୍ନ ନେଇ ଚାଷ କରିଥାଏ ତେବେ ୪ବର୍ଷ ପରେ ଭଲ ଫଳ ବାହାରିଥାଏ।

ପ୍ରଥମେ ଏହି ଗଛର ଚାରାକୁ ପୋତିବା ପରେ ଗଛକୁ ଏକ ସିମେଣ୍ଟ କଂକ୍ରିଟ ପୋଲ ସହ ବନ୍ଧାଯାଇଥାଏ। ପୋଲ୍ ଉପରି ଭାଗ ଚାରିକଣିଆ ଆକାରର କରାଯାଇଥାଏ। ଯାହାଫଳରେ ଗଛ ବଢ଼ିବା ସହ ସେଥିରୁ ଫଳ ବାହାରିବାରେ ଏହି ସିମେଣ୍ଟ କଂକ୍ରିଟ ସହାୟକ ହୋଇଥାଏ। କିଲୋ ପିଛା ପ୍ରାୟ ୫୦ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ୧୫୦ ରୁ ୨୫୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଛି। ଏହା ଏକ ଭିଟାମିନ ଯୁକ୍ତ ଫଳ। ବିଶେଷ କରି ଏହି ଫଳ ବିଦେଶରେ ଦେଖିବାକୁ ମିଳିଥାଏ। ଏବେ ସୁରେଶ ଏହି ଚାଷ ପ୍ରଣାଳୀ ଶିକ୍ଷା କରି ବିପୁଳିଙ୍ଗୀ ଗ୍ରାମରେ ସଫଳ ଚାଷ କରୁଥିବାରୁ ଏହା ଏକ ପ୍ରେରଣା ବୋଲି କହିଛନ୍ତି ଗ୍ରାମବାସୀ।

### ସାର କଳାବଜାରୀ ରୋକିବାକୁ ଉଦ୍ୟମ

## ଡିଲର୍ ପଏଣ୍ଟରେ ଯାଞ୍ଚ କଲେ ଅଧିକାରୀ



ଭଞ୍ଜନଗର,୮।୮ (ସମିସ): ଭଞ୍ଜନଗର ଉପଖଣ୍ଡରେ ଚାଷୀମାନଙ୍କ ସୁବିଧା ପାଇଁ ୧୦୦ରୁ ଊର୍ଦ୍ଧ୍ୱ ସମବାୟ ସମିତି ରହିଛି। ସମିତି ଜରିଆରେ ଚାଷୀଙ୍କୁ କୃଷି ଋଣ, ବିହନ ଓ ରାସାୟନିକ ସାର ଆଦି ଯୋଗାଇ ଦିଆଯାଇଥାଏ। ସରକାର ବିଗତ ବର୍ଷ ଗୁଡିକରେ ଏହି ସମବାୟ ସମିତି ଜରିଆରେ କୃଷକମାନଙ୍କୁ ରାସାୟନିକ ସାର ଯୋଗାଇ ଆସୁଥିବା ବେଳେ ଚଳିତ ବର୍ଷ ଏଥିରେ ସାମାନ୍ୟ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏବେ ଧାନରୁଆ ଚାଲିଥିବା ବେଳେ ସମବାୟ ସମିତିରେ ଡିଏପି ସାର ନ ପାଇ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି। ଜୁଲାଇରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି। ତେବେ ଚାଷ ବେଳେ ଗତ ବର୍ଷ ସାର ନ ପାଇ ଚାଷୀ ଘୋର ଅସୁବିଧାରେ ପଡ଼ିଥିବା ବେଳେ ଚଳିତ ବର୍ଷ ଯେପରି କୌଣସି ଚାଷୀ ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପାଇଁ କୃଷି ବିଭାଗ ଆଗୁଆ ପ୍ରସ୍ତୁତି କରିଛି। ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ଓ ସ୍କିମ୍ ଅଫିସର ଇତିଶ୍ରୀ ପ୍ରଧାନ ବିଭିନ୍ନ ସାର ବିକ୍ରୟ କେନ୍ଦ୍ର ବୁଲି ଯାଞ୍ଚ କରୁଛନ୍ତି। ଚାଷୀଙ୍କୁ ସରକାରୀ ଦରରେ ସାର ବିକ୍ରି କରିବାକୁ ଦୋକାନୀକୁ ତାଗିଦ କରାଯାଇଛି। ଭଞ୍ଜନଗର କୃଷି ଜିଲ୍ଲା ପାଇଁ ଯେତିକି ସାର ଆବଶ୍ୟକ ସେତିକି ପରିମାଣର ସାର ମହଜୁଦ ଥିବା କୃଷି ଜିଲ୍ଲା ଅଧିକାରୀ ଶ୍ରୀ ମିଶ୍ର କହିଛନ୍ତି।

## ରକ୍ତଦାନ କରି ବୃଦ୍ଧଙ୍କୁ ସହାୟତା କଲେ ସାମ୍ବାଦିକ



ବେଲଗୁଣ୍ଠା,୮।୮ (ସମିସ): ଜଣେ ବୃଦ୍ଧଙ୍କୁ ରକ୍ତଦାନ କରି ବେଲଗୁଣ୍ଠା ପ୍ରେସକ୍ଲବ ସଦସ୍ୟ ତଥା ଯୁବ ସାମ୍ବାଦିକ ଶିବରାମ ଚୌଧୁରୀ ଜୀବନ ବଞ୍ଚାଇଛନ୍ତି। ସୂଚନା ପ୍ରକାରେ ବେଲଗୁଣ୍ଠା ଅଞ୍ଚଳର ସନ୍ତୋଷ ସାହୁ (୫୮) ଅସ୍ତ୍ରୋପଚାର ପାଇଁ ଘରୋଇ ନର୍ସିଂ ହୋମ୍‌ରେ ଭର୍ତ୍ତି ହୋଇଥିଲେ। ତାଙ୍କ ପାଇଁ 'ବି ପଜିଟିଭ୍' ଗ୍ରୁପ୍‌ର ରକ୍ତ ଆବଶ୍ୟକ ପଡ଼ିଥିଲା। ଖବର ପାଇ ଯୁବ ସାମ୍ବାଦିକ ଶିବରାମ ବ୍ରହ୍ମପୁର ବଡମେଡିକାଲରେ ପହଞ୍ଚି ରକ୍ତ ଦେବାପରେ ସେଠାରୁ ରକ୍ତ ଆଣି ସନ୍ତୋଷଙ୍କ ଅସ୍ତ୍ରୋପଚାର ସମୟରେ ବ୍ୟବହାର କରାଯାଇଥିଲା। ଶିବରାମଙ୍କ ଏହିଭଳି କାର୍ଯ୍ୟକୁ ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ସମେତ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

## ନିଶା ନିବାରଣ ସଚେତନତା କର୍ମଶାଳା



ଧରାକୋଟ,୮।୮ (ସମିସ): ସ୍ଥାନୀୟ ସରକାରୀ ସ୍ନାତକ ମହାବିଦ୍ୟାଳୟରେ ନିଶା ନିବାରଣ ଓ ମାନସିକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ଃ ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଚ୍ଚିଦାନନ୍ଦ ବିଷୋୟୀ ଅତିଥି ରୂପେ ଯୋଗଦେଇ ନିଶା ନିବାରଣ ଉପରେ ଆଲୋକପାତ କରିଥିଲେ। ତମାଖୁ ବର୍ଜନ କରିବା, ମହାବିଦ୍ୟାଳୟ ପରିସରକୁ ନିଶାମୁକ୍ତ ରଖିବା ସହ ସୁସ୍ଥ ସମାଜ ଗଠନ, ମାନସିକ ଅବସାଦରୁ ମୁକ୍ତି ଆଦି ବହୁ ତଥ୍ୟ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଅଧ୍ୟାପକ ଓ ଅଧ୍ୟାପିକା ତଥା କର୍ମଚାରୀ ସହଯୋଗ କରିଥିଲେ। ଇତିହାସ ଅଧ୍ୟାପକ ପବିତ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ ଚାଷ ବିରୋଧରେ ସଚେତନତା



ସୋରଡ଼ା,୮।୮ (ସମିସ): ସୋରଡ଼ା ବ୍ଲକ ଗାଜଲବାଡ଼ି ପଞ୍ଚାୟତ ସଭା ଗୃହରେ ସୋରଡ଼ା ପୁଲିସ ପକ୍ଷରୁ ଗଞ୍ଜେଇ ଚାଷ ବିରୋଧରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ସୋରଡ଼ା ଥାନାଧିକାରୀ ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସ୍କା ଏସଡିପିଓ ସନ୍ତୋଷ କୁମାର ଜେନା, ସୋରଡ଼ା ଅବକାରୀ ଥାନା ଅଧିକାରୀ ଦେବସ୍ମିତା ନାୟକ, ଜିଲ୍ଲା ପରିଷଦ ସଭ୍ୟ ସମରେନ୍ଦ୍ର କୁମାର ସାହୁ, ସରପଞ୍ଚ ରଶ୍ମିତା ଆଚାର୍ଯ୍ୟ, ସମିତିସଭ୍ୟା ମଞ୍ଜୁଳା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଗ୍ରାମର ଆଦିବାସୀ ପୁରୁଷ ଓ ମହିଳା, ପଞ୍ଚାୟତ ପ୍ରତିନିଧି, ଏସଏଚଜିର ମହିଳା, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଯୁବ ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାୟତ ଅଧିକାରୀ ରାଜେଶ କୁମାର ବେହେରାଙ୍କ ସହ ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଓଏଲଏମ କାର୍ଯ୍ୟକର୍ତ୍ତା ଓ ପୁଲିସ ବିଭାଗ ଏବଂ ଅବକାରୀ ବିଭାଗ କର୍ମଚାରୀ ପରିଚାଳନା କରିଥିଲେ।

### ସୂଚନା ଅଧିକାର ଆଇନ ଅବମାନନା

## ଟଙ୍କା ଜମା କରିବାର ୪ମାସ ପରେ ବି ମିଳୁନି ତଥ୍ୟ

ଜଗନ୍ନାଥପ୍ରସାଦ,୮।୮ (ସମିସ): ସୂଚନା ଅଧିକାର ଆଇନର ଅବମାନନା ଭଳି ଘଟଣା ଜଗନ୍ନାଥ ପ୍ରସାଦ ବ୍ଲକ ଅଲାଡି ପଞ୍ଚାୟତରେ ଦେଖିବାକୁ ମିଳିଛି। ଟଙ୍କା ଜମା ପରେ ବି ମାସାଧିକ ହେଲା ତଥ୍ୟ ମିଳୁନଥିବା ଅଭିଯୋଗ ଆଣିଛନ୍ତି ଅଲାଡି ଗ୍ରାମର ଲଳିତ ମୋହନ ସାବତ। ଅଞ୍ଚଳରେ ମନରେଗା ଯୋଜନା ୨୦୨୦-୨୦୨୩ ଲିଷ୍ଟ ସଙ୍ଗେ ଗ୍ରାମସଭା ଓ ପଲ୍ଲିସଭାର ନକଲ ସାଙ୍ଗକୁ ଅଲାଡି ଗ୍ରାମରେ କେଉଁ କେଉଁ ଲୋକଙ୍କ ନାମରେ କେତୋଟି ଗୁହାଳ ଗୃହ ପ୍ରଦାନ ହୋଇଛି ସମସ୍ତ ନାମ, ଫଳକ ଫଟୋସହ ବିଲ୍ ଭାଉଚର ପ୍ରଦାନ କରିବା ସହ ଆହୁରି ଅନେକ କାର୍ଯ୍ୟ ଓ ବ୍ୟୟ ବରାଦ ବାବଦରେ ତଥ୍ୟ ପ୍ରଦାନ ପାଇଁ ଆର୍‌ଟିଆଇ ମାଧ୍ୟମରେ ୪ ଫେବୃଆରୀ ୨୫ରେ ଛତ୍ରପୁରରେ ଦାଖଲ କରାଇଥିଲେ। ତଥ୍ୟ ଦେବାକୁ ୧୪ ଫେବୃଆରୀରେ ବ୍ଲକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ମାସ ମାସ ବିତି ଯାଇଥିଲେ ମଧ୍ୟ ତଥ୍ୟ ମିଳୁନାହିଁ। ଏନେଇ ବିଡ଼ିଓଙ୍କ ନିକଟରେ ଅପିଲ କରିଥିଲେ। ଲେଟର ନମ୍ବର. ୩୮ରେ ପ୍ରସଙ୍ଗ ପତ୍ର ୧୨୯୦ ଚିଠା ପ୍ରକାରେ ୧୮୮୫୦ଟଙ୍କା ଜମା କରିବା ପାଇଁ ନିର୍ଦ୍ଦେଶ ହୋଇଥିଲା ଓ ୧୮୮୫୦ଟଙ୍କା ଆବେଦନକାରୀ ପଇଠ କରିଥିଲେ। ବର୍ତ୍ତମାନ ୪ମାସ ପୂରିବାକୁ ବସିଥିଲେ ବି କୌଣସି ତଥ୍ୟ ତାଙ୍କୁ ମିଳିନାହିଁ। ଏନେଇ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଆବେଦନକାରୀ ଶ୍ରୀ ସାବତ ସୂଚନା ଅଧିକାରୀ ମୋନାଲି ମହାନ୍ତିଙ୍କୁ ଅଭିଯୋଗ କରିଥିଲେ। କିନ୍ତୁ ଏ ବାବଦରେ କାର୍ଯ୍ୟରେ ଯୋଗ ଦେବା ପରଠାରୁ କୌଣସି ଚିଠା ପାଇନଥିବା କହିଥିଲେ। ଶ୍ରୀ ସାବତ ରେଜିଷ୍ଟ୍ରି ପୋଷ୍ଟ ଚିଠାର ପ୍ରମାଣ ଦେଖାଇବା ପରେ ଫାଇଲ ବାହାର କରି ଆର୍‌ଟିଆଇରେ ଆବେଦନ ହୋଇଥିବା କଥାକୁ ସ୍ୱୀକାର କରିଥିଲେ। ତେବେ କାର୍ଯ୍ୟର ଚାପ ସାଙ୍ଗକୁ ପିଇଓ ଶରତ ଚନ୍ଦ୍ର ନାୟକ ତଥ୍ୟ ଦେଉ ନଥିବା କାରଣରୁ ବିଳମ୍ବ ଦର୍ଶାଇଥିଲେ। ଘଟଣା ସମ୍ପର୍କରେ ବିଡ଼ିଓ ମନ୍ମଥ ମଲ୍ଲିକ ଯୋଗାଯୋଗ କରିବାରୁ ସୂଚନା ଅଧିକାରୀଙ୍କ ସହ ଆଲୋଚନା ପରେ ଉତ୍ତର ରଖିବେ ବୋଲି ଗଣମାଧ୍ୟମଙ୍କୁ ଜଣାଇଥିଲେ।

## ପ୍ରାଥମିକ ବିଦ୍ୟାଳୟରେ ରକ୍ଷାବନ୍ଧନ




କୁକୁଡାଖଣ୍ଡି,୮।୮ (ସମିସ): କୁକୁଡାଖଣ୍ଡି ବ୍ଲକ ଅଧିନ ନିମଖଣ୍ଡି ପଞ୍ଚାୟତ ସ୍ଥିତ ନିମଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉଷାରଣୀ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରାକ୍ଷୀ ପ୍ରସ୍ତୁତ କରିବା ପ୍ରତିଯୋଗିତା ହୋଇଥିଲା ଏବଂ ଏହି ପବିତ୍ର ପର୍ବର ବିଶେଷତ୍ୱ ବିଦ୍ୟାର୍ଥୀଙ୍କୁ ବୁଝାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ରଶ୍ମିତା ପାତ୍ର, ସସ୍ମିତା କୁମାରୀ ସାହୁ, ରୀତା ରଶ୍ମି ବେହେରା, ସିଆରସିସି ଲୋକନାଥ ପ୍ରସାଦ ପାଢ଼ୀ, ପିଆରଆଇ ସଭ୍ୟ ଜୟରାମ ସାହୁ ପ୍ରମୁଖ ଉପସ୍ଥିତ ରହିବା ସହ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଶିବାନୀ ରାଉଳ ସହଯୋଗ କରିଥିଲେ।

# ଅବହେଳିତ ଭଞ୍ଜନଗର ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର

ଭଞ୍ଜନଗର,୮।୮ (ସମିସ)

- ବିଭାଗୀୟ ମନ୍ତ୍ରୀ ଜିଲ୍ଲାର ହୋଇ ବି ପାଦ ପଡୁନି
- ପୁନରୁଦ୍ଧାର ଅଭାବରୁ ୧୫ ପୋଖରୀ ଚାଷ ଅନୁପଯୋଗୀ

ରାଜ୍ୟରେ ମତ୍ସ୍ୟଚାଷୀ ସଂଖ୍ୟା ବୃଦ୍ଧି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରିଛନ୍ତି। ଏହାଦ୍ୱାରା ଅନେକ ଚାଷୀ ସରକାରଙ୍କଠାରୁ କୋଟି କୋଟି ଟଙ୍କାର ସବ୍‌ସିଡି ନେଇ ଲାଭବାନ ହେବାସହ ବ୍ୟବସାୟକୁ ଆଗକୁ ନେଉଛନ୍ତି। ଆଉ କିଛି ଚାଷୀ ଏଥିରେ ବିଫଳ ହୁଅନ୍ତି। କିନ୍ତୁ ସରକାର ଅଧୀନରେ ଥିବା ସଂସ୍ଥା ଗୁଡ଼ିକର ଉନ୍ନତି କିଭଳି ହେବ ସେଥିପ୍ରତି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଯାହାର ଉଦାହରଣ ପାଲଟିଛି ଭଞ୍ଜନଗର ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର।

୧୯୮୪ରେ ସୋମନାଥ ରଥ ମନ୍ତ୍ରୀ ଥିବା ସମୟରେ ଭଞ୍ଜନଗର ମତ୍ସ୍ୟ ଜାଆଁଳ ଉତ୍ପାଦନ କେନ୍ଦ୍ର ନିର୍ମାଣ ହୋଇଥିଲା। ୪୨ ହେକ୍ଟର ଜମିରେ ଗଢ଼ି ଉଠିଥିବା ଉକ୍ତ କେନ୍ଦ୍ରରେ ରହିଛି ୬୨ଟି ପୋଖରୀ। କିନ୍ତୁ ବହୁବର୍ଷ ହେବ ପୋଖରୀ ଗୁଡ଼ିକର ପୁନରୁଦ୍ଧାର ହେଉନାହିଁ। ସେଥିମଧ୍ୟରୁ ୧୫ଟି ପୋଖରୀରେ ପାଣି ଅଭାବରୁ ଆଉ ଚାଷ ହେଉନାହିଁ। କେନ୍ଦ୍ରର ଚାରିପଟେ ପାଚେରି ନାହିଁ କି ଜଣେ ମଧ୍ୟ ନିୟମିତ କର୍ମଚାରୀ ନାହାନ୍ତି। ଲାଇଟ୍ ଠିକ ଭାବେ ଜଳୁନାହିଁ। ୪୦ଟି ସୋଲାର ଲାଇଟ ଲାଗିଥିବା ବେଳେ ତାହା ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିରହିଛି। ତେଣୁ ଲୋକେ ରାତିରେ ଅବାଧରେ ପୋଖରୀ ଭିତରେ ପଶି ମାଛ ଚୋରି କରି ନେଉଛନ୍ତି। ଏଥିସହ ଅନେକ ସମୟରେ ସେଠାରେ ଅସାମାଜିକ ଯୁବକଙ୍କ ଭିଡ଼ ଜମୁଛି। ବର୍ତ୍ତମାନ ୩ ଜଣ ଅଫିସର ଡେପୁଟେସନରେ ଆସି କେନ୍ଦ୍ର ପରିଚାଳନା କରୁଛନ୍ତି। ୧୬ ଜଣ କର୍ମଚାରୀ ଏଠାରୁ ଅବସର ନେଇ ଏଠାରେ ହିଁ ଦିନ ମଜୁରିଆ ଭାବେ କାମ କରୁଛନ୍ତି। ନୂତନ ନିଯୁକ୍ତି ପ୍ରତି ଧ୍ୟାନ ଦିଆଯାଉନାହିଁ। ସୁରକ୍ଷା କର୍ମୀ ନିୟୋଜିତ ବ୍ୟବସ୍ଥା ନାହିଁ। ବିଗତ ସରକାର ସମୟରେ ଅନେକ ଥର ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ ଉକ୍ତ କେନ୍ଦ୍ର ପରିଦର୍ଶନରେ ଆସିଛନ୍ତି। କିନ୍ତୁ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେଇନାହାନ୍ତି। ବର୍ତ୍ତମାନ ଏହି ବିଭାଗର ମନ୍ତ୍ରୀ ହେଉଛନ୍ତି ପଡ଼ୋଶୀ ପୋଲସରା ନିର୍ବାଚନମଣ୍ଡଳୀର ବିଧାୟକ ଗୋକୁଳାନନ୍ଦ ମଲ୍ଲିକ।

ସେ ଭଞ୍ଜନଗର ଇତିମଧ୍ୟରେ ଏକାଧିକ ଥର ଆସିଛନ୍ତି ସରକାରୀ କାର୍ଯ୍ୟରେ। କିନ୍ତୁ ରାଜ୍ୟର ଏତେ ବଡ଼ ଜାଆଁଳ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବାକୁ ଯାଇନାହାନ୍ତି। ଇତିମଧ୍ୟରେ ଏହି କେନ୍ଦ୍ରକୁ ଗତ ମାର୍ଚ୍ଚ ମାସ ସୁଦ୍ଧା ୩୫ କୋଟି ଗୁଣ୍ଡ ଜାଆଁଳ ଉତ୍ପାଦନ କରି ବିକ୍ରି କରିବା ଲକ୍ଷ୍ୟ ଦିଆ ଯାଇଥିଲା। ତାହାକୁ ପୂରଣ କରାଯାଇଛି । ବର୍ତ୍ତମାନ ୮ କୋଟି ଫିଙ୍ଗର ଜାଆଁଳ ବିକ୍ରି ଲକ୍ଷ୍ୟ ଦିଆଯାଇଛି। ଆଜି ସୁଦ୍ଧା ମାତ୍ର ୧ କୋଟି ବିକ୍ରି ହୋଇଛି। ବଳକା ଜାଆଁଳ ନଭେମ୍ବର ସୁଦ୍ଧା ବିକ୍ରି ଲକ୍ଷ୍ୟ ଦିଆଯାଇଛି। କିନ୍ତୁ ପାଣିପାଗ ଏବଂ ଭିତ୍ତିଭୂମି ଅଭାବ ଯୋଗୁ ଲକ୍ଷ୍ୟ ପୂରଣ ହେଲାଭଳି ଦେଖାଯାଉନାହିଁ। ତେଣୁ ସରକାର ଉକ୍ତ ଜାଆଁଳ କେନ୍ଦ୍ରର ବିକାଶ ପ୍ରତି ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହୋଇଛି।

## ସିଡିପିଓଙ୍କୁ ଅଙ୍ଗନବାଡ଼ି ସଂଘର ସ୍ମାରକପତ୍ର



ବୁଗୁଡା,୮।୮ (ସମିସ): ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କରସ୍ ଆସୋସିଏସନ ବୁଗୁଡା ବ୍ଲକ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଏକ ସ୍ମାରକପତ୍ର ସ୍ଥାନୀୟ ସିଡିପିଓଙ୍କ କାର୍ଯାଳୟ ଜରିଆରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟକୁ ପ୍ରେରଣ କରାଯାଇଛି। ସ୍ମାରକପତ୍ରରେ ଏଫ୍ଆରଏସ୍ ସମୟରେ ହେଉଥିବା ନେଟୱର୍କ ସମସ୍ୟା ସାଙ୍ଗକୁ ଉନ୍ନତମାନର ମୋବାଇଲର ଅଭାବ ଓ ଆଧାର ସହ ମୋବାଇଲ୍ ନମ୍ବର ଲିଙ୍କ ନଥିବା ଆଦି ସମସ୍ୟା ଉଲ୍ଲେଖ କରାଯାଇଛି। ଏଥିସହ ପ୍ରତି ତିନି ମାସକୁ ମୋବାଇଲ ରିଚାର୍ଜ ବାବଦକୁ ୯୦୦ ଟଙ୍କା ପ୍ରଦାନ, କିଶୋରୀ ବାଳିକାଙ୍କ ନିମନ୍ତେ ଅଣ୍ଡା ପାଇଁ ଆସୁଥିବା ଅର୍ଥରାଶି ଜଏଣ୍ଟ ଆକାଉଣ୍ଟରେ ପୂର୍ବରୁ ଜମା କରାଯିବା, ପ୍ରତି ଜିଲ୍ଲାରେ ଅଭିଯୋଗ ନିବାରଣ କମିଟି ଗଠନ କରି ସ୍ଥାନୀୟ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ, ହିତାଧିକାରୀଙ୍କ ନିମନ୍ତେ ଉନ୍ନତମାନର ଖାଦ୍ୟ ସାମଗ୍ରୀ, ଉନ୍ନତମାନର ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ସହ ଜଳ ଯୋଗାଣ ବ୍ୟବସ୍ଥା କରିବା, କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ମୃତ୍ୟୁକାଳୀନ ସହାୟତା ତୁରନ୍ତ ପ୍ରଦାନ ସହ ସେହି ସ୍ଥାନରେ ପରିବାରର ଜଣକୁ ସୁଯୋଗ ଦେବା ଏବଂ ଅବସର ଗ୍ରହଣ ସହାୟତା ରାଶି ୨ ମାସ ମଧ୍ୟରେ ପ୍ରଦାନ କରିବା, ନିର୍ବାଚନ ଇସ୍ତାହାରକୁ ତୁରନ୍ତ ଲାଗୁକରି କର୍ମୀ ଓ ସହାୟିକାଙ୍କ ମନୋବଳକୁ ବଢାଇବା ଆଦି ଦାବି ସ୍ଥାନ ପାଇଛି।

